# ଆଜିଠୁ ତିନୋଟି ରେଞ୍ଜ୍‌ରେ ଡଲଫିନ୍ ଗଣନା

**ବାଲେଶ୍ୱର, ୧୯।୧(ସମିସ):**

ବାଲେଶ୍ୱରରେ ଶନିବାରଠୁ ଆରମ୍ଭ ହେବ ଡଲଫିନ ଗଣନା। ବାଲେଶ୍ୱର ବନଖଣ୍ଡ ବିଭାଗ ପକ୍ଷରୁ ଏହି ଗଣନା କରାଯିବ। ଡଲଫିନ୍‌ର ଏହି ବାର୍ଷିକ ସଂଖ୍ୟା ଆକଳନ ଜାନୁଆରୀ ୨୦, ୨୧ ଓ ୨୨ ତାରିଖ ପର୍ଯ୍ୟନ୍ତ ଜଳେଶ୍ୱର, ନୀଳଗିରି ଓ ଚାନ୍ଦିପୁର ରେଞ୍ଜରେ ଗଣନା କରାଯିବ। ଏହାର ଉପଯୁକ୍ତ ପରିଚାଳନା ଓ ତଥ୍ୟ ସଂଗ୍ରହ ପାଇଁ ଶୁକ୍ରବାର ଦିନ ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ବିଭାଗ ପକ୍ଷରୁ ବନଖଣ୍ଡ ଅଧିକାରୀ ରେଞ୍ଜ ଅଫିସରମାନଙ୍କୁ ଚିଠି କରିଛନ୍ତି। ଚଳିତ ମାସ ୨୩ ତାରିଖ ପୂର୍ବରୁ ଡଲଫିନ ଗଣନାର ରିପୋର୍ଟ ଦାଖଲ କରିବା ପାଇଁ ଚିଠିରେ ମଧ୍ୟ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ୨୦୨୪ର ଡଲଫିନ୍‌ର ବାର୍ଷିକ ଆକଳନ ବା ଗଣନା ଆରମ୍ଭ ହେବ। ଚଳିତ ମାସ ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ଗଣନା କାର୍ଯ୍ୟ ଚାଲୁ ରହିବ। ଏଥିପାଇଁ ସ୍ଥାନ ମଧ୍ୟ ଚିହ୍ନଟ ହୋଇସାରିଛି।



**୩ ଜଣିଆ ଟିମ୍ ଗଠିତ**

ଜଳେଶ୍ୱର ରେଞ୍ଜରେ ତାଳସାରିରୁ ଚୌମୁଖ, ଚାନ୍ଦିପୁର ରେଞ୍ଜରେ ବଳରାମଗଡ଼ିଠାରୁ କାଂଶବାଂଶ ନଦୀ ଏବଂ ନୀଳଗିରି ରେଞ୍ଜ୍ ର ସାହୁ ପଡ଼ାଠୁ ଗନ୍ଧର୍ବ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ସକାଳୁ ଆରମ୍ଭ ହେବ। ଏହି ତିନି ଦିନିଆ ଗଣନାରେ ତିନି ଜଣ ରିସୋର୍ସପର୍ସନଙ୍କୁ ନେଇ ତିନୋଟି ଟିମ୍ ଗଠନ କରାଯାଇଛି। ଜଳେଶ୍ୱର ରେଞ୍ଜ୍ ର ତାଳସାରିଠୁ ଚୌମୁଖ ପର୍ଯ୍ୟନ୍ତ ଡଲଫିନ ଗଣନାରେ ରିସୋର୍ସ ପର୍ସନ ବନ୍ୟପ୍ରାଣୀ ୱାର୍ଡେନ ଅଶ୍ୱିନୀ କୁମାର ଦାସଙ୍କ ସହ ଏସିଏଫ୍ ଟିମ୍ ଲିଡର୍ ସୁଶ୍ରୀ ସସ୍ମିତା ସାହୁ, ରେଞ୍ଜ୍ ଅଫିସର ଜୟଶ୍ରୀ ମୁର୍ମୁ, ଫରେଷ୍ଟର ପରମାନନ୍ଦ ନାୟକ ଓ ସଞ୍ଜୟ କୁମାର ମହାନ୍ତି ରହିଥିବା ବେଳେ ଚାନ୍ଦିପୁର ରେଞ୍ଜର ବଳରାମଗଡ଼ିଠୁ କାଂଶବାଂଶ ନଦୀ ପର୍ଯ୍ୟନ୍ତ ପୂର୍ବତନ ଏଚ୍ ଡବ୍ଲୁଡବ୍ଲୁ ପ୍ରକାଶ ଚନ୍ଦ୍ର ମର୍ଦ୍ଦରାଜଙ୍କ ସହ ଏସିଏଫ୍ ଟିମ୍ ଲିଡର୍ ଦିଗନ୍ତ ଶୋଭନ ଚାନ୍ଦ, ରେଞ୍ଜ ଅଫିସର ଗଣେଶ ପ୍ରସାଦ ଲେଙ୍କା, ଫରେଷ୍ଟର୍ ଶଶିଧର ମହାନ୍ତି ଓ ଫରେଷ୍ଟ ଗାର୍ଡ ହୃଷିକେଶ ପ୍ରଧାନ ଏବଂ ନୀଳଗିରି ରେଞ୍ଜ୍‌ର ସାହୁପଡ଼ାଠୁ ଗନ୍ଧର୍ବ ପର୍ଯ୍ୟନ୍ତ ଗଣନାରେ ବିକାଶ ସାଥୀର ସମ୍ପାଦକ ଡ. ବିଶ୍ୱଜିତ ପଣ୍ଡାଙ୍କ ସମେତ ଏସିଏଫ୍ ଟିମ୍ ଲିଡର୍ ରାମଚନ୍ଦ୍ର ମୁର୍ମୁ, ରେଞ୍ଜ ଅଫିସର ଆଶିଷ ଆଖତାରୀ ନିଶା, ଫରେଷ୍ଟର୍ ସରୋଜ କୁମାର ପ୍ରଧାନ ଓ ଫରେଷ୍ଟ ଗାର୍ଡ ମନୋରଞ୍ଜନ ସିଂ ସାମିଲ୍ ହୋଇଛନ୍ତି। ବୋଟରେ ଯାଇ ଜିପିଏସ ଓ ବାଇନକୁଲାର ମାଧ୍ୟମରେ ସର୍ଭେ ଓ ଗଣନା କରାଯିବ।

# ରାଜ୍ୟସ୍ତରୀୟ ଫ୍ୟାସନ୍ ଶୋ'ରେ ମନ ଜିଣିଲେ ମା'ପୁଅ



**ବାଲେଶ୍ୱର, ୧୯।୧(ସମିସ):** ରାଜ୍ୟସ୍ତରୀୟ ଫ୍ୟାସନ୍ ଶୋ'ରେ କମାଲ ଦେଖାଇଲେ ବାଲେଶ୍ୱରର ମା' ପୁଅ। ଉଭୟ ମାଆ ଓ ପୁଅ ପାରମ୍ପାରିକ ଓ ପାଶ୍ଚାତ୍ୟ ପୋଷକ ରାଉଣ୍ଡରେ ଦର୍ଶକଙ୍କ ମନ ଜିତିଛନ୍ତି। ବିଭିନ୍ନ ଜିଲ୍ଲାରୁ ଭାଗ ନେବାକୁ ଆସିଥିବା କୁନି ପ୍ରତିଭା ଓ ମାଆଙ୍କୁ ପଛରେ ପକାଇ ନିଜ ଆକର୍ଷଣୀୟ ପୋଷାକରେ ଦର୍ଶକ ତଥା ବିଚାରକଙ୍କ ମନ କିଣି ନେଇଛନ୍ତି। ସେମାନେ ହେଉଛନ୍ତି ବାଲେଶ୍ୱରର ଚନ୍ଦନେଶ୍ୱରରେ ରହୁଥିବା ପୂର୍ଣ୍ଣିମା ସାମଲ ଓ ତାଙ୍କ ପୁଅ ଅସ୍ମିତ କୁମାର ସାହୁ(୭)। ବାଳକ ଗ୍ରୁପ୍ ଫେସନ୍ ଶୋ'ରେ ଅସ୍ମିତ 'ସୁପର୍ ୱିନର୍' ଟାଇଟଲ୍ ହାସଲ କରିଥିବା ବେଳେ ତାଙ୍କ ମାଆ ମିସେସ୍ ଗ୍ରୁପ୍‌ରେ ପ୍ରଥମ ରନର୍ସ ଅପ୍ ଭାବେ ପୁରସ୍କାର ହାସଲ କରିଛନ୍ତି। ଅସ୍ମିତ ଏବେ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଅଭିନୟ, ମଡେଲିଂ, ଫେନ୍ସି ଡ୍ରେସ୍ ଓ ନୃତ୍ୟ ପାଇଁ ଏହା ପୂର୍ବରୁ ଅସ୍ମିତ ରାଉରକେଲାରେ ମିଷ୍ଟର ଓଡ଼ିଶା ସାଇନିଙ୍ଗ୍ ଆଇକୋନ୍, କଳିଙ୍ଗ କଳାକେନ୍ଦ୍ର, ପ୍ରତିଭା ସାରସ୍ୱତ ସମ୍ମାନ ଏହିପରି ଶତାଧିକ ପୁରସ୍କାର ହାସଲ କରିଛନ୍ତି। ତେବେ ପୂର୍ଣ୍ଣିମା ଏକ କୋଚିଂ ସେଣ୍ଟରରେ ଚାକିରି କରିବା ସହ ଏହିପରି କିଛି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥାଆନ୍ତି। ଭଲ ଅଭିନୟ କରୁଥିବାରୁ ତାଙ୍କ ପୁଅ ଅସ୍ମିତ ଭବିଷ୍ୟତରେ ଜଣେ ଭଲ ଅଭିନେତା ହେବାର ଲକ୍ଷ୍ୟ ରଖିଥିବା ପୂର୍ଣ୍ଣିମା ପ୍ରକାଶ କରିଛନ୍ତି। ଭୁବନେଶ୍ୱରରେ ଅଞ୍ଜଳି ଫେସନ୍ ସୋ ପକ୍ଷରୁ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଆୟୁଷ ସ୍ୱାସ୍ଥ୍ୟ ଶିବିର

**ବାଲେଶ୍ୱର, ୧୯।୧(ସମିସ):** ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ରସାଲପୁର ସ୍ଥିତ କପିଳମୁନି ପଡ଼ିଆରେ ଶୁକ୍ରବାର ଦିନ କପିଳମୁନି ଧାର୍ମିକ ଓ ସାଂସ୍କୃତିକ ଚେତନା ପରିଷଦ ପକ୍ଷରୁ ଆୟୁଷ ସ୍ୱାସ୍ଥ୍ୟ ମେଳା ଓ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ଡ଼ା. ପ୍ରଶାନ୍ତ କୁମାର ନନ୍ଦ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ସକାଳ ୯ ଘଟିକାରେ ଯୋଗ ପ୍ରଶିକ୍ଷକ ମନୋଜ କୁମାର ଦେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏଥିରେ ରୋଗୀ ମାନଙ୍କୁ ଅଭିଜ୍ଞ ଆୟୁର୍ବେଦିକ ଡାକ୍ତର ରାଜୀବ କୁମାର ମାଝୀ, ଡା.ମୋଜାମିଲ୍ ଅଲ୍ଲି, ଡା.ସମୀର କୁମାର ଛାଟୋଇ, ଡା.ସବ୍ୟସାଚୀ ମଣ୍ଡଳ, ଡାକ୍ତର ତପସ୍ୱିନୀ ମିଶ୍ର, ଡାକ୍ତର ନମିତା ଚିକତ୍ସା ଯୋଗାଇ ଦେଇଥିଲେ। ଆୟୋଜିତ ଶିବିରରେ ୩୦୦ରୁ ଅଧିକ ଲୋକ ସେବାର ଲାଭ ନେଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟବକ୍ତା ଡାକ୍ତର ପ୍ରଶାନ୍ତ କୁମାର ନନ୍ଦ ଯୋଗଦାନ କରି ଆୟୁର୍ବେଦିକ ଯୋଗ ଓ ହୋମିଓପ୍ୟାଥିକ ଚିକିତ୍ସା ଉପରେ ଆଲୋଚନା କରିଥିଲେ। ପରିଷଦର ସଭାପତି ଡାକ୍ତର ସତ୍ୟନାରାୟଣ ମହାପାତ୍ର, କାର୍ଯ୍ୟକାରୀ ସଭାପତି ରମାକାନ୍ତ ବେହେରା, ବିସ୍ମୟ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମନୋଜ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାସ୍ଥ୍ୟ ମେଳା ପରିଚାଳନାରେ ପରିଷଦର ସଭ୍ୟ ଅସିତ୍ ଦାସ, ଯୁଗଳ କିଶୋର ମହଲ, ଗଗନ ବିହାରୀ ବେହେରାପ୍ରମୁଖ ସହଯୋଗ କରିଥିଲେ।

## ୨୨ରେ ମଦ ଓ ଆମିଷ ଦୋକାନ ବନ୍ଦ ଦାବି

**ବାଲେଶ୍ୱର, ୧୯।୧(ସମିସ):** ଆସନ୍ତା ୨୨ ଜାନୁଆରୀରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବାଲେଶ୍ୱରରେ ମଦ ଓ ଆମିଷ ଦୋକାନ ଗୁଡିକୁ ବନ୍ଦ କରିବା ପାଇଁ ସଦର ବିଜେପି ପକ୍ଷରୁ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚଳିତ ମାସ ୨୨ ତାରିଖ ସୋମବାର ଦିନ ଅଯୋଧ୍ୟା ରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ।ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରପାଳିକାର ବିଭିନ୍ନ ୱାର୍ଡ ଏବଂ ପଞ୍ଚାୟତର ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ, ପୂଜାର୍ଚ୍ଚନା, ଯଜ୍ଞ ଓ ପ୍ରସାଦ ସେବନ ଭଳି ଧାର୍ମିକ କାର୍ଯ୍ୟର ଆୟୋଜନ କରାଯାଉଛି। ତେଣୁ ଏହି ଦିନରେ ସମସ୍ତ ମଦ ଓ ଆମିଷ ଦୋକାନ ଗୁଡିକୁ ବନ୍ଦ ରଖାଯିବା ଏବଂ ହୋଟେଲ ଗୁଡିକରେ ଆମିଷ ପରିବେଷଣ ବନ୍ଦ କରିବା ପାଇଁ ସଦର ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକ ପତ୍ର ପ୍ରଦାନବେଳେ ମାନସ ଦତ୍ତ, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଉପେନ୍ଦ୍ର ଶଥପଥୀ, ଶୈଳେନ୍ଦ୍ର ଦାଶ, ନିରୂପମା ଦାଶ, ଅନନ୍ତ ନାୟକ, ରାଜେନ୍ଦ୍ର ଚଟାର୍ଜୀ, ସୌରଭ ଚୌଧୁରୀ ପ୍ରମୁଖ ବହୁ ରାମଭକ୍ତ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା




**ବାଲେଶ୍ୱର, ୧୯।୧(ସମିସ):** ସୁନହଟସ୍ଥିତ ବଳାଙ୍ଗୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୋଜନାରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଅଞ୍ଜୁବାଳା ଦାସ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବିଦ୍ୟାଧର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗୀୟମୁଖ୍ୟ ଡକ୍ଟର ସନ୍ତୋଷ କୁମାର ନାୟକ ଯୋଗଦେଇ ଓଡ଼ିଶା ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମରେ ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଆବଶ୍ୟକତା ସମ୍ପର୍କରେ ବହୁମୂଲ୍ୟ ଉପାଦେୟ ବକ୍ତବ୍ୟ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ରଖିଥିଲେ। ନୋଡାଲ ଅଫିସର ଡ. ଉମାକାନ୍ତ ଜେନା ଓଡିଆ ଭାଷାର ଅତୀତ ଏବଂ ବର୍ତ୍ତମାନ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଉଜ୍ଜ୍ୱଳ ଚନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରମାନନ୍ଦ ଭଦ୍ର, ଅନୁଜ କୁମାର ଦାସ, ନିରଞ୍ଜନ ଜେନା, ଉମାକାନ୍ତ ପଣ୍ଡା, ବଟେଶ୍ୱର ନାୟକ, ଡଃ ମମତା ବେହେରା, ଜ୍ୟୋତ୍ସ୍ନା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମର ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## କଳାକାରଙ୍କ ନାମ ପଞ୍ଜୀକରଣ ନିମନ୍ତେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



**ବାଲେଶ୍ୱର, ୧୯।୧(ସମିସ):** ସରକାରୀ ସ୍ତରରେ ବାଲେଶ୍ୱର ଜିଲ୍ଲାର କଳାକାର ମାନଙ୍କ ନାମ ପଞ୍ଜୀକରଣ କରିବା ଦାବିରେ ଶୁକ୍ରବାର ଦିନ ବାଲେଶ୍ୱର ଜିଲ୍ଲା ଲୋକ କଳାକାର ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ଲୋକକଳା ସଂଗଠନର ବରିଷ୍ଠ କର୍ମକର୍ତ୍ତା ମାନେ କଳାକାର ମାନଙ୍କ ନାମ ପଞ୍ଜିକରଣ କରିବା ଦାବିରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶିନ୍ଦେ କଳାକାର ମାନଙ୍କ ଏହି ଦାବିକୁ ସମର୍ଥନ ଜଣାଇବା ସହିତ ତୁରନ୍ତ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀଙ୍କୁ କଳାକାର ମାନଙ୍କ ନାମ ପଞ୍ଜିକରଣ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କୁ ସାକ୍ଷାତ କଲାବେଳେ ଲୋକକଳା ସଙ୍ଗଠନର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଶରତ ବାରିକ, ଧରଣୀଧର ବେହେରା, ଭବାନି ରାଣୀ ବେହେରା ଓ ଫକୀର ଚରଣ ଗିରି ପ୍ରମୁଖ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## 'ନୂଆ-ଓ' ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା



ବାଲେଶ୍ୱର, ୧୯।୧(ସମିସ): ବାଙ୍ଗରାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡିଆ ଭାଷା ଓ ସାହିତ୍ୟ ଓ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଶଶୀଭୂଷଣ କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଭାରତୀ ଓ ବହିଘରର ପ୍ରକାଶକ ଅଭୟ ଦାସ, ମୁଖ୍ୟବକ୍ତା ଜଗନ୍ନାଥ ସଂସ୍କୃତି ଚେତନା ଓ ଗବେଷଣା ପୁରି ପ୍ରତିଷ୍ଠାନର ସଭ୍ୟ ଭବାନୀ ଶଙ୍କର ଦାଶ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଞ୍ଜନ କୁମାର ନାୟକ ଯୋଗ ଦେଇଥିଲେ। ଅଧ୍ୟାପକ ଜଗତନନ୍ଦ ବିଶ୍ୱାଳ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୋଡାଲ ଅଫିସର ଭରତ କୁମାର ଘଡିଆ ମଞ୍ଚ ପରିଚାଳନା କରିଥିବା ବେଳେ ସାହିତ୍ୟ ବିଭାଗ ଅଧିକାରୀ ଡ. ଅସ୍ମିତା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ଚରଣ ବେହେରା, ରମେଶ ଚନ୍ଦ୍ର ଗିରି, ରାଜେଶ ମହାପାତ୍ର, ମାନସ ରଞ୍ଜନ ମିଶ୍ର, ସରମିତା ସାହୁ ଓ ଜ୍ୟୋତ୍ସ୍ନାରାଣୀ ସିଂ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଧାର୍ମିକ ତୋରଣକୁ ନେଇ ଅସନ୍ତୋଷ, ପୁଲିସ ମୁତୟନ

**ବାଲେଶ୍ୱର, ୧୯।୧(ସମିସ) :** ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ସହରରେ ଛିଡା କରାଯାଇଥିବା ଧାର୍ମିକ ତୋରଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୨୨ ତାରିଖ ଦିନ ପୁରୁଣା ବାଲେଶ୍ୱର ବାବା ବାଲେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ଯଜ୍ଞ ଉତ୍ସବର ଆୟୋଜନ କରାଯାଇଛି। ଏଥିପାଇଁ ଗୋଲାପୋଖରୀ ନିକଟବର୍ତୀ ପଡ଼ିଆ ଠାରେ ଏକ ବିରାଟ ଧାର୍ମିକ ତୋରଣ ମଧ୍ୟ ଛିଡା କରାଯାଇଛି। ତେବେ ଏଭଳି ତୋରଣ ଲଗାଯିବାକୁ ନେଇ ସ୍ଥାନୀୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଯେଉଁଥି ପାଇଁ ଶୁକ୍ରବାର ଦିନ ପୁଲିସ୍ ପ୍ରଶାସନ ପକ୍ଷରୁ ଦୁଇଟି ଥାନାର ଅଧିକାରୀ ଓ ଫୋର୍ସ ପଠାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ ଦର୍ଗା ମଇଦାନରେ ଇସଲାମ୍ ଧର୍ମାବଲମ୍ବୀ ମାନଙ୍କ ପକ୍ଷରୁ କିଛିଦିନ ପରେ ଏକ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ପ୍ରସ୍ତୁତି ପର୍ବ ଚାଲିଥିଲାବେଳେ ସେମାନେ ମଧ୍ୟ ଉକ୍ତ ମୁଖ୍ୟରାସ୍ତା ଉପରେ ଏକ ତୋରଣ ନିର୍ମାଣ କରିବା ପାଇଁ ଯୋଜନା କରିଥିଲେ। ତେଣୁ ମହାଯଜ୍ଞର ତୋରଣ ପଛପଟେ ସେମାନଙ୍କ ତୋରଣ ରହିଲେ ତାହା ଜନ ସାଧାରଣଙ୍କୁ ଦେଖାଯିବ ନାହିଁ। ତେଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପୁଲିସ୍ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ପାଇବା ପରେ ଆଜି ତିନୋଟି ଥାନାର ଅଧିକାରୀ ଏବଂ ସିଟି ଡିଏସପି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଅନୁଧ୍ୟାନ କରିବା ସହ ସେଠାରେ ଫୋର୍ସ୍ ମୁତୟନ କରିଛନ୍ତି। ଏହାବାଦ ଉଭୟ ସମ୍ପ୍ରଦାୟର ଲୋକ ମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାଲେଶ୍ୱର, ୧୯।୧(ସମିସ): ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ମଠସାହି ସ୍ଥିତ ମହାବୀର ଉପ୍ରା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୋ ସ୍କୁଲ ଅଭିଯାନର ସଭାପତି ମନୋଜ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ବିଆରସିସି ରାମଚନ୍ଦ୍ର ବେହେରା, ଶିକ୍ଷକ ପ୍ରତିନିଧି ଅରୁଣ କୁମାର ପାତ୍ର, ଅମର କୁମାର ପଣ୍ଡା, ସିଆରସିସି ସଙ୍ଗୀତ ରଥ, ମୋ ସ୍କୁଲ ଅଭିଯାନର ସଦସ୍ୟ ବିଶ୍ୱନାଥ ସେନ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱନାଥ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦୁମତୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। କୁନିକୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




# ଦ୍ୱି-ଦିବସୀୟ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ

**ବାଲେଶ୍ୱର, ୧୯।୧(ସମିସ):**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ପରିସରରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଆଜି ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ 'ନ୍ୟାଭିଗେଟିଙ୍ଗ ଇନକ୍ଲୁସିଭ ଏଜୁକେସନ: ବ୍ରିଜିଙ୍ଗ ଦ ଡିଭାଇଡ ଆଣ୍ଡ ଏମ୍ପାବାରିଙ୍ଗ୍ ଏଭ୍ରି ଲରନର୍' ବା 'ଅନ୍ତର୍ନିବେଶୀ ଶିକ୍ଷା ପରିଚାଳନା: ଭିନ୍ନତା ସଂଯୋଜନ ଏବଂ ଶିକ୍ଷାର୍ଥୀ ସଶକ୍ତୀକରଣ' ରହିଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପିଜି କାଉନସିଲର ଅଧକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କ ସହ ଆର.ଆଇ.ଇ (ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଏବଂ ଟ୍ରେନିଂ), ଭୁବନେଶ୍ୱର ପ୍ରଫେସର ହୃଷିକେଶ ସେନାପତି, ସ୍କୁଲ ଅଫ ଏଜୁକେସନ-ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ପ୍ରଫେସର ଅରବିନ୍ଦ କୁମାର ଝା, ନ୍ୟୁକ୍ଲିୟସ୍ ୟୁନିଭରସିଟି ଅଫ୍ ମେଡିସିନ୍ ଏବଂ ଦନ୍ତ ଚିକିତ୍ସା, ରଞ୍ଜେଷ୍ଟାଡ୍, ଆରୁବା, କାନାଡାର ବରିଷ୍ଠ ପରାମର୍ଶଦାତା ଡ. ଦିଲ୍ଲୀପ ଗିରି ମୁଖ୍ୟବକ୍ତା ତଥା ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ କାର୍ଟିନ୍ ବିଶ୍ୱବିଦ୍ୟାଳୟ, ପର୍ଥ, ପଶ୍ଚିମ ଅଷ୍ଟ୍ରେଲିଆର୍ସ ସହଯୋଗୀ ପ୍ରଫେସର ଡ଼କ୍ଟର ରେଖା ଭାନକୌଲ ଆଭାସୀ ମାଧ୍ୟମରେ ଯୋଗଦେଇ 'ଅନ୍ତର୍ନିବେଶୀ ଏବଂ ଉଚ୍ଚଶିକ୍ଷା' ସମ୍ବନ୍ଧିତ ଆଲୋଚନା କରିଥିଲେ। ସମସ୍ତଙ୍କ ପାଇଁ ଜୀବନଯାପନର କୌଶଳଗୁଡିକୁ ପ୍ରୋତ୍ସାହିତ କରିବା, ଜାତୀୟ ଶିକ୍ଷା ନୀତିର ଦୃଷ୍ଟିକୋଣକୁ ବୁଝି କାର୍ଯ୍ୟକ୍ଷମ କରିବା, ଜାତି, ଲିଙ୍ଗ, ତଥା ଆର୍ଥିକ ଭିନ୍ନତାକୁ ଧ୍ୟାନ ନଦେଇ ସମସ୍ତଙ୍କୁ ମୌଳିକ ଅଂଶଗ୍ରହଣ କରିବାର ସୁଯୋଗ ଦେବା ଏବଂ ଶିକ୍ଷଣ ଓ ନିରପେକ୍ଷ ସାମାଜିକ ସୀମାକୁ ଅନ୍ତର୍ଭୁକ୍ତ କରିବା, ପ୍ରଗତିଶୀଳ ଅନ୍ତର୍ଭୂକ୍ତିକରଣକୁ ଦାୟିତ୍ୱ ଭାବେ ଗ୍ରହଣ କରିବା, କୌଣସି କାଳ୍ପନିକ ଧାରଣା ବିନା ଶିକ୍ଷାକୁ ସାର୍ବଜନୀକ ହିତ ସାଧନ କାର୍ଯ୍ୟରେ ଲଗାଇବା ଆଦି ଅନେକ ମୂଲ୍ୟବାନ ପ୍ରସଙ୍ଗମାନ କୁଳପତି ପ୍ରଫେସର ତ୍ରିପାଠୀ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ଆଲୋକପାତ କରାଯାଇଥିଲା। ଉପସ୍ଥିତ ସଂସାଧନ ବ୍ୟକ୍ତି ବିଶେଷଜ୍ଞମାନଙ୍କ ସହଯୋଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀର ପ୍ରଥମ ଦିନରେ 'ଇନକ୍ଲୁସିଭ ଏଜୁକେସନ' ସମ୍ବନ୍ଧିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ୫୯ ଜଣ ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ତଥ୍ୟକୁ ଉପସ୍ଥାପନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନେକ ସଂଖ୍ୟାରେ ଶିକ୍ଷାବିତ୍, ଗବେଷଣାରତ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ସହ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ମୁଖ୍ୟ, ଅଣଶିକ୍ଷକ କର୍ମଚାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ଶିକ୍ଷା ବିଭାଗର ମୁଖ୍ୟ ଆସୋସିଏଟ ପ୍ରଫେସର ଡ଼କ୍ଟର ଜ୍ୟୋତି ଶଙ୍କର ପ୍ରଧାନ, ସଂଗଠନିକ ସମ୍ପାଦକ ଡ଼କ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ସମ୍ମିଳନୀର ପର୍ଯ୍ୟବେକ୍ଷଣ କରିଥିଲେ। ସମ୍ମିଳନୀକୁ ଆସିଷ୍ଟାଣ୍ଟ ପ୍ରଫେସର ଡ଼କ୍ଟର ପ୍ରତିମା ପ୍ରଧାନ ସଞ୍ଚାଳନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।




ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱ କାଳନ୍ଦୀ ଚରଣ ବରିଶାଳ
ପୂର୍ବତନ ସରପଞ୍ଚ, ସମାଜସେବୀ
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଧରାବତରଣ: ୨୮.୧୨.୧୯୩୬
ସର୍ଗାରୋହଣ: ୧୬.୦୧.୨୦୧୯
ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି,
ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ,
ଏହା ହିଁ ପରମବ୍ରହ୍ମ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ପାଦ ପଦ୍ମରେ ବିନମ୍ର ନିବେଦନ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗିନୀ ପତ୍ନୀ- ବିଷ୍ଣୁପ୍ରିୟା, ବନ୍ଧୁ,
ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ବରିଶାଳ ପରିବାରବର୍ଗ

# ସୁବର୍ଣ୍ଣରେଖାର ଜମାଳପୁରରେ ବ୍ୟାରେଜ୍ ନିର୍ମାଣକୁ ସବୁଜ ସଂକେତ



## ଖୁବ୍‌ଶୀଘ୍ର ଆସିବେ ବୈଷୟିକ ଦଳ

## ୪ ବ୍ଲକର ୪୫ ହଜାର ଏକର ଜମି ହେବ ଜଳସେଚିତ

**ଜଳେଶ୍ୱର ବ୍ଲକ, ୧୯।୧(ସମିସ) :** ସୁବର୍ଣ୍ଣରେଖା ନଦୀର ଓଡ଼ିଶା ଅଞ୍ଚଳରେ ପ୍ରଥମକରି ଏକ ବ୍ୟାରେଜ ପ୍ରସ୍ତାବକୁ ବିଭାଗୀୟ କର୍ତ୍ତୃପକ୍ଷ ସବୁଜ ସଂକେତ ଦେଇଛନ୍ତି। ଗତ କିଛିମାସ ତଳେ ଅନୁଧ୍ୟାନକାରୀ ଦଳ ଘଟଣାସ୍ଥଳ ବୁଲି ରିପୋର୍ଟ ପ୍ରଦାନ ପରେ ଆଜି ବିଭାଗୀୟ କେତେକ କର୍ମକର୍ତ୍ତା ଘଟଣାସ୍ଥଳ ବୁଲି ବେରେଜ ନିର୍ମାଣ ହେବା ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ବିଭିନ୍ନ ଅଞ୍ଚଳ ଗସ୍ତ କରି ଖରାଦିନେ ୨୫ହଜାର ଏକର ଓ ଖରିଫ ଋତୁରେ ୪୫ ହଜାର ଏକର ଜମିକୁ ଜଳ ସେଚନ କରାଯାଇପାରିବ ବୋଲି ସେମାନେ ମତ ରଖିଛନ୍ତି।

ସୁବର୍ଣ୍ଣରେଖା ନଦୀରେ ଓଡ଼ିଶାର କୌଣସି ବ୍ୟାରେଜ ନ ଥିବାରୁ ଅତୀତରେ ଭୋଗରାଇ ବିଧାୟକ ଅନନ୍ତ ଦାସ ଓ ତତ୍କାଳୀନ ସାଂସଦ ଇଂ. ରବୀନ୍ଦ୍ର ଜେନା ଶିଖରପୁରଠାରେ ଏକ ବ୍ୟାରେଜ ନିର୍ମାଣ ଲାଗି ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ କେତେକ ଅନୁଧ୍ୟାନକାରୀ ଇତିମଧ୍ୟରେ ପରୀକ୍ଷା ନିରୀକ୍ଷା କରି ଶିଖରପୁର ଠାରେ ନୁହେଁ, ନଦୀର ତଳ ଅଞ୍ଚଳରେ ବ୍ୟାରେଜ ନିର୍ମାଣ ଲାଗି ସରକାରଙ୍କଠାରେ ତଥ୍ୟ ରଖିଥିଲେ। ନିକଟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ଜଳେଶ୍ୱର ଓ ବସ୍ତାର କେତେକ ନେତୃସ୍ଥାନୀୟ ବ୍ୟକ୍ତି ଜମାଳପୁରଠାରେ ବ୍ୟାରେଜ ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀଙ୍କଠାରେ ପ୍ରସ୍ତାବ ରଖିଥିଲେ। ତେଣୁ ଗତ ସେପ୍ଟମ୍ବର ମାସରେ ଜଳ ସମ୍ପଦ ବିଭାଗର ଅନୁଧ୍ୟାନକାରୀ ଦଳ ଜମାଳପୁର ଆସି ବିସ୍ତୀର୍ଣ୍ଣ ଅଞ୍ଚଳ ବୁଲି କେତେକ ପରୀକ୍ଷା ନିରୀକ୍ଷା କରିଥିଲେ। ଏହା ଶିଖରପୁରଠାରୁ ପ୍ରାୟ ୫ କି.ମି ନଦୀର ଅବବାହିକାରେ ଅବସ୍ଥିତ ଥିବାରୁ ସେଠାରେ ଏକ ବ୍ୟାରେଜ ସହିତ ପୋଲକୁ ଅନୁଧ୍ୟାନକାରୀ ଦଳ ଗୁରୁତ୍ୱାରୋପ କରିଥିଲେ। ନଦୀର ଜଳେଶ୍ୱରପଟେ ଜମାଳପୁର ଥିବା ବେଳେ ବସ୍ତାପଟେ କାଦରାୟାଁ ଗ୍ରାମ ଥିବାରୁ ଏକ ନିର୍ବାଚନ ମଣ୍ଡଳୀରେ ଯାତାୟାତର ସୁବିଧା ଓ ଦୁଇଟି କେନାଲ ଦ୍ୱାରା ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତାର ବ୍ୟାପକ ଅଞ୍ଚଳ ଜଳସେଚିତ ହୋଇପାରିବ ବୋଲି ଆଲୋଚ୍ୟର ବିଷୟ ହୋଇଥିଲା। ଆଜି ଲକ୍ଷ୍ମୀପୋଷୀସ୍ଥିତ ସୁବର୍ଣ୍ଣରେଖା ନଦୀର ମୁଖ୍ୟଯନ୍ତ୍ରୀ ରମାକାନ୍ତ ମହାପାତ୍ର, ବନ୍ୟା ମାନ ନିର୍ଦ୍ଧାରଣର ମୁଖ୍ୟଯନ୍ତ୍ରୀ ଇଂ ନିରଞ୍ଜନ ରାଉତ, ବାରିବପାସ୍ଥିତ ସହକାରୀ ଇଂଜିନିୟର ଭଗବାନ ଦାସ, ଅଧିକ୍ଷଣ ଯନ୍ତ୍ରୀ ଇଂ ପ୍ରଭାସ ଚନ୍ଦ୍ର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରିୟବ୍ରତ ସିଂ ପ୍ରମୁଖ ଘଟଣାସ୍ଥଳରେ ରହି ବ୍ୟରେଜ ନିର୍ମାଣକୁ ସବୁଜ ସଂକେତ ଦେଇଛନ୍ତି। ଉତ୍ତର ବାଲେଶ୍ୱରର ୪ଟି ବ୍ଲକରେ ଖରାଦିନେ ୨୫ହଜାର ଏକର ଓ ଖରିଫ ଋତୁରେ ୪୫ହଜାର ଏକର ଜମିକୁ ଜଳସେଚିତ କରାଯାଇ ପାରିବ ବୋଲି ବିଶେଷଜ୍ଞ ଦଳ ମତପ୍ରକାଶ କରିଛନ୍ତି। ଏହାବ୍ୟତିତ ଏଠାରେ ଏକ ମେଗା ପାନୀୟ ଜଳ ନିର୍ମାଣ ଓ ଆବଶ୍ୟକସ୍ଥଳେ ବନ୍ୟା ନିୟନ୍ତ୍ରଣ କରାଯିବା ସମ୍ପର୍କରେ ସୂଚନା ଦେଇଛନ୍ତି। ବିଶେଷଜ୍ଞ ଦଳ ଆସି ଅନୁଧ୍ୟାନ କରୁଥିବା ବେଳେ ବ୍ରଜମୋହନ ପ୍ରଧାନ, ଜମଳାପୁର, କୋଟସାହି, କାଦରାୟାଁ ଆଞ୍ଚଳର ବହୁ ଲୋକ ଉପସ୍ଥିତ ଥିଲେ।

## ସୁବର୍ଣ୍ଣରେଖା ନଦୀ ସ୍ପୋର ନିର୍ମାଣର ପାଇଲଟ ପ୍ରୋଜେକ୍ଟ

# ଜିଓ ଟ୍ୟୁବ୍‌ରେ ସ୍ପୋର ନିର୍ମାଣ ସଫଳ ହେବ : ମୁଖ୍ୟଯନ୍ତ୍ରୀ

ଜଳେଶ୍ୱର ବ୍ଲକ, ୧୯।୧(ସମିସ) : ନଦୀ ତଟ ସୁରକ୍ଷା ଲାଗି ନିର୍ମାଣ ହେଉଥିବା ସ୍ପୋର ଗୁଡିକରେ କୋଟି କୋଟି ଟଙ୍କା ବ୍ୟୟ ହେଉଥିବାରୁ ଏବେ ଜିଓ ଟ୍ୟୁବରେ ସ୍ପୋର ନିର୍ମାଣ ହେଲେ ସ୍ୱଳ୍ପ ସମୟ ଓ ସ୍ୱଳ୍ପ ଖର୍ଚ୍ଚରେ ନଦୀତଟ ସୁରକ୍ଷିତ ହୋଇପାରିବ ବୋଲି ଜଳ ସମ୍ପଦ ବିଭାଗର ସୁବର୍ଣ୍ଣରେଖା-ବୁଢାବଲଙ୍ଗ ବେସିନ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଇଂ. ରମାକାନ୍ତ ମହାପାତ୍ର ଆଜି ଏଠାରେ ସୂଚନା ଦେଇଛନ୍ତି। ଫଳରେ ବ୍ୟୟବହୁଳ ତଥା ଅଧିକ ପଥର ବ୍ୟବହାର ରୋକାଯାଇପାରିବ ବୋଲି ସେ ସୂଚନା ଦେଇଛନ୍ତି।

ରାଜ୍ୟରେ ବିଭିନ୍ନ ନଦୀରେ ସ୍ପୋର କିମ୍ବା ପଥର ପ୍ୟାକିଂରେ ପଥର ବ୍ୟବହାର କରାଯାଇ ଆସୁଥିଲା। କିନ୍ତୁ ଏଣିକି ବିନା ପଥର ବ୍ୟବହାରରେ ନଦୀରେ ସ୍ପୋର ଓ ପଥର ପ୍ୟାକିଂ ହୋଇପାରିବା ନୂତନ କୌଶଳ ଅବଲମ୍ବନ କରାଯାଇଛି। ଏପରି କାର୍ଯ୍ୟ ରାଜ୍ୟର ସୁବର୍ଣ୍ଣରେଖା ନଦୀରେ ପ୍ରଥମ ନିର୍ମାଣ ହେଉଥିବାରୁ ଆଜି ଲକ୍ଷ୍ମୀପୋଷସ୍ଥିତ ସୁବର୍ଣ୍ଣରେଖା-ବୁଢାବଲଙ୍ଗ ବେସିନ୍ ସ୍କେଚ୍‌ମ୍ୟାପ୍‌ର ମୁଖ୍ୟଯନ୍ତ୍ରୀଙ୍କ ନେତୃତ୍ୱରେ ଏବ ବୈଷୟିକ ଦଳ ଘଟଣାସ୍ଥଳ ବୁଲି ଦେଖିଛନ୍ତି। ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷ ୨୩ଟି ସ୍ପୋର ନିର୍ମାଣ ହେବାକୁ ସରକାରୀ ଅନୁମୋଦନ ମିଳିଛି। କିନ୍ତୁ ଏହାର ଏକଚତୁର୍ଥାଂଶ ଖର୍ଚ୍ଚରେ ବିନା ପଥରରେ ଜିଓ ଟ୍ୟୁବ ସ୍ପୋର ଓ ପଥା ପେକିଂ କାର୍ଯ୍ୟ ହୋଇପାରିବ ବୋଲି ସେମାନେ ସୂଚନା ଦେଇଛନ୍ତି। ନଦୀବନ୍ଧଠାରୁ ମାତ୍ର ୨ ମିଟର ଭନେବଲ ଅଞ୍ଚଳ ରହୁଥିବାରୁ ସେଭଳି ସ୍ଥାନରେ ପଥର ପେକିଂ ପଥର ସ୍ପୋର ନିର୍ମାଣ ସମ୍ଭବ ହେଉନଥିବା ବେଳେ ଜିଓ ଟ୍ୟୁବ ସ୍ପୋର ଦ୍ୱାରା ବନ୍ଧ ଓ ନଦୀତଟ ସୁରକ୍ଷିତ ହୋଇପାରିବ ବୋଲି ଟିମ୍‌ର ଅନ୍ୟତମ ସଦସ୍ୟ ଫ୍ଲଡ କ୍ୟୁଲିଟି କଣ୍ଟ୍ରୋଲର ମୁଖ୍ୟଯନ୍ତ୍ରୀ ଇଂ ନିରଞ୍ଜନ ରାଉତ ଏଠାରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି। ଜଳେଶ୍ୱରର ପଞ୍ଚୁଘଣ୍ଟାଠାରେ ନିର୍ମାଣ ହେଉଥିବା ଜିଓ ଟ୍ୟୁବ ସ୍ପୋରରେ ସ୍ୱମ୍ପ ପମ୍ପ ବ୍ୟବହାର ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମ ଓ ସ୍ଥାନୀୟ ଲୋକେ ଅଭିଯୋଗ କରୁଥିବାରୁ ମୁଖ୍ୟଯନ୍ତ୍ରୀ ଦ୍ୱୟ ନଦୀର ଅପରପାର୍ଶ୍ୱ କିମ୍ବା ଦୂରସ୍ଥାନରୁ ବାଲି ନେଇ କାର୍ଯ୍ୟ ତୁଲାଇବାକୁ ପରାମର୍ଶ ଦେଇଛନ୍ତି। ବନ୍ଧ ନିକଟରୁ ୧୨ମି. ଦୂରରେ ସ୍ୱମ୍ପ ପମ୍ପ ଦ୍ୱାରା ବାଲି ଉତ୍ତୋଳନକୁ ନାପସନ୍ଦ କରିବା ସହିତ ମାତ୍ର ୬/୭ ଫୁଟ ଗଭୀର ବାଲି ବ୍ୟବହାର କରାଯାଇପାରେ ବୋଲି କହିଛନ୍ତି। ପରୀକ୍ଷାମୂଳକ ଭାବେ ଏହି ପାଇଲଟ ପ୍ରଜେକ୍ଟ ଏଠାରେ ସଫଳ ହେଲେ ରାଜ୍ୟର ବିଭିନ୍ନ ନଦୀ ଓ ସମୁଦ୍ରକୂଳରେ ଜିଓ ଟ୍ୟୁବ ସ୍ପୋର ନିର୍ମାଣ ହେବ ବୋଲି ସହକାରୀ ମୁଖ୍ୟ ଇଞ୍ଜିନୀୟ ଇଂ. ଭଗବାନ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି। ସେମାନଙ୍କ ସହିତ ବାଲେଶ୍ୱର ଅଧିକ୍ଷଣ ଯନ୍ତ୍ରୀ ଇଂ. ପ୍ରଭାସ ଚନ୍ଦ୍ର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରୀୟବ୍ରତ ସିଂ, ସହକାରୀ ଯନ୍ତ୍ରୀ ଇଂ ଧିରେନ୍ଦ୍ର ଦାସ ପ୍ରମୁଖ ମୁଖ୍ୟଯନ୍ତ୍ରୀଙ୍କ ସହିତ ଘଟଣାସ୍ଥଳକୁ ଯାଇ ବୁଲି ଦେଖିଥିଲେ।

## ● ବର୍ଷେ ହେଲା ପାଚିକା ସହାୟିକା ଦରମା ପାଇବାରୁ ବଞ୍ଚିତ ପ୍ରସଙ୍ଗ

# ତତ୍ପରତା ଦେଖାଇଲା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ

**ରାଜଘାଟ, ୧୯।୧ (ସମିସ):** ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତ ଅନ୍ତର୍ଗତ ଏକତାଲିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ସଞ୍ଜୁଲତା ଯିଏକି ପାଚିକା ସହାୟିକା ଭାବେ ବର୍ଷେ ଧରି ଉକ୍ତ ସ୍କୁଲରେ ନିଯୁକ୍ତ ହୋଇଥିବା ବେଳେ ତାଙ୍କୁ ଏଯାଏଁ କୌଣସି ଦରମା ମିଳି ନଥିବା ଏବଂ ବକେୟା ଦରମା ପ୍ରଦାନ ଲାଗି ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନୀଳିମା ପଣ୍ଡା ହଜାରେ ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ବାବଦରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆଜି ତତ୍ପରତା ପ୍ରକାଶ ପାଇଛି।

ପୂର୍ବରୁ ସଞ୍ଜୁଲତାଙ୍କ ବକେୟା ଦରମା ପ୍ରଦାନ ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆବଶ୍ୟକ କାଗଜପତ୍ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ପଣ୍ଡାଙ୍କୁ ମଗାଯାଇଥିଲା ମାତ୍ର ସେ ସଠିକ କାଗଜପତ୍ର ଦାଖଲ କରି ନଥିବାରୁ ସଞ୍ଜୁଲତାଙ୍କ ପ୍ରାପ୍ୟ ଅଟକି ରହିଥିବା ଆଜିର ତନାଘନାରେ ଜଣାପଡ଼ିଥିଲା। ଫଳ ସ୍ୱରୂପ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ମୂଳେ ଆଜି ପ୍ରଧାନ ଶିକ୍ଷୟିତ୍ରୀ ନୀଳିମା ପଣ୍ଡା ସଞ୍ଜୁଲତାଙ୍କର ନିଯୁକ୍ତି ପତ୍ର ଓ ବକେୟା ଦରମା ସହ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ରକୁ ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଏହାପରେ ସମସ୍ତ କାଗଜପତ୍ରକୁ ଉପରିସ୍ଥ କାର୍ଯ୍ୟାଳୟକୁ ପଠାଯାଇଥିଲା। ଖୁବ୍‌ଶୀଘ୍ର ସଞ୍ଜୁଲତାଙ୍କୁ ତାଙ୍କ ବକେୟା ଦରମା ମିଳିଯିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଜେନା ପ୍ରତିକ୍ରିୟା ଦେଇଛନ୍ତି। ଅପରପକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ଜଣକ ନିଜର ଭୁଲକୁ ସ୍ୱୀକାର କରିବା ସହ ତାଙ୍କ ଠାରୁ ଏକ ସ୍ୱୀକାରୋକ୍ତି ପତ୍ର ଗ୍ରହଣ କରାଯାଇଥିବା ସହ ଭବିଷ୍ୟତରେ ଏଭଳି ଭୁଲର ଯେଭଳି ପୁନରାବୃତ୍ତି ନ ହୁଏ ସେନେଇ ତାଙ୍କୁ ଚେତାବନୀ ଦିଆଯାଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି।

# ୨୩ରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆବିର୍ଭାବ ମହାମହୋତ୍ସବ

**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୯।୧(ସମିସ):** ଜଳେଶ୍ୱର ସହର ଉପକଣ୍ଠରେ ଅବସ୍ଥିତ ସତସଂଗ ବିହାର ପ୍ରାଂଗଣରେ ଚଳିତ ମାସ ୨୩ ତାରିଖ ମଂଗଳବାର ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶୁଭ ୧୩୬ ତମ ଆବିର୍ଭାବ ତଥା ଶ୍ରୀମନ୍ଦିର ଉଦ୍‌ବୋଧନ ଓ ଶ୍ରୀ ବିଗ୍ରହ ପ୍ରତିଷ୍ଠାର ଚତୁର୍ଦ୍ଦଶ ବାର୍ଷିକ ସ୍ମାରକୀ ମହାମହୋତ୍ସବ ବହୁ ଆଡ଼ମ୍ବରରେ ପାଳିତ ହେବ ବୋଲି ଆଜି ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜଳେଶ୍ୱର ଅଞ୍ଚଳରେ ଥିବା ସମସ୍ତ ଚର୍ଚ୍ଚ, ଗିର୍ଜା ଓ ମସଜିଦ୍ କୁ ଯାଇ ଯଥା ସମ୍ମାନ ସହିତ ଏହି ମହାମହୋତ୍ସବ ରେ ଯୋଗଦେବା ନିମନ୍ତେ ନିମନ୍ତ୍ରଣ କରାଯିବ। ଏହି ଉତ୍ସବରେ ୨୦ ହଜାର ରୁ ଉର୍ଦ୍ଧ୍ୱ ଗୁରୁଭାଇ, କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଯୋଗ ଦେବାର ଆଶା କରାଯାଇଛି। ଏହି ମହାମହୋତ୍ସବ ପାଳନ ଅବସରରେ ପୂର୍ବବର୍ଷ ଭଳି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଏକ ବିରାଟ ଶୋଭାଯାତ୍ରା ସ୍ଥାନୀୟ ଡାକବଂଗଳା ପରିସରରୁ ବାହାରି ସହର ପରିକ୍ରମା କରି ସତସଂଗ ବିହାର ଠାରେ ପହଞ୍ଚିବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସତସଂଗ ବିହାର ର ତତ୍ତ୍ୱାବଧାରକ ଅଧ୍ୟାପକ ଋତିକ କେଦାରନାଥ ମହାନ୍ତି, ସହପ୍ରତି ଋତିକ ଗଣେଶ ଚନ୍ଦ୍ର ଜେନା, ସତସଂଗୀ ଶ୍ରୀମନ୍ତ ଘୋଷ, ଦୁର୍ଗାଶଙ୍କର ବେହେରା, ମଳୟସୁନ୍ଦର କର, ବିଶ୍ୱଜିତ ପ୍ରଧାନ, ସୁବ୍ରତ କୁମାର ଜେନା, ଗୋପାଳ ଚନ୍ଦ୍ର ସେନାପତି, ଶାନ୍ତନୁ କୁମାର ସେନାପତି, ହରିପଦ କର, ଜଳନ୍ଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ

**ପଞ୍ଚଲିଙ୍ଗେଶ୍ୱର, ୧୯।୧(ସମିସ):** ବାଙ୍କୀପଦା ଇଶ୍ୱରପୁର ସ୍ଥିତି ପଞ୍ଚଲିଙ୍ଗେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ପରିପେକ୍ଷୀରେ ନୂଆ ଯୋଜନା ମାଧ୍ୟମରେ ଆୟୋଜିତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉତ୍ସବ ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ଜେନା ପୌରୋହିତ୍ୟ କରିଥିବା ବେଳେ ତର୍କ ଶାସ୍ତ୍ର ବିଭାଗ ର ଅଧ୍ୟକ୍ଷ ନରେନ୍ଦ୍ର ପ୍ରସାଦ ପାତ୍ର ମତ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତଥା କାର୍ଯ୍ୟକ୍ରମ ଉଦଘାଟନ ଜଗନ୍ନାଥ ସଂସ୍କୃତିର ଗବେଷକ ବନମାଳୀ ପଣ୍ଡା ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଓଡ଼ିଆ ସଂସ୍କୃତି ର ବିକାଶ ରେ ଜାତିର ବିକାଶ ହୁଏ, ଓ ଓଡ଼ିଆ ଭାଷା ଆମ ସଂସ୍କୃତି ସହିତ ବୋଲି ମତ ପ୍ରକାଶ କରିଥିଲେ। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ନୋଡାଲ ଅଫିସ ର ପ୍ରାଧ୍ୟପକ ରବି ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଧ୍ୟପକ ବିଷମ୍ବର ମହାପାତ୍ର ଓ ଓଡ଼ିଆ ବିଭାଗ ର ଅଧ୍ୟାପିକା ଶ୍ରେତା ଦାଶ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ର ଶିକ୍ଷକ ଭାଗବତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରପଞ୍ଚଙ୍କ ମା'ଙ୍କ ପରଲୋକ

**ଭୋଗରାଇ, ୧୯।୧(ସମିସ) :** ଭୋଗରାଇ ବ୍ଲକ ପସରବିନ୍ଧା ପଞ୍ଚାୟତର ସରପଞ୍ଚ ତଥା ବାଲେଶ୍ୱର ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁମନ୍ତ ବେହେରାଙ୍କ ମାତା ଅମ୍ବିକା ବେହେରାଙ୍କ ୮୭ ବର୍ଷ ବୟସରେ ଶୁକ୍ରବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ସେ କିଛି ମାସ ହେଲା ଶଯ୍ୟାଶାୟୀ ଥିଲେ। ୨ ବର୍ଷ ପୂର୍ବରୁ ବଡପୁଅ ସୁଧୀରଙ୍କ ମୃତ୍ୟୁ ହୋଇଥିଲା। ମାଆ ଅମ୍ବିକାଙ୍କ ମୃତ୍ୟୁଶଯ୍ୟା ନିକଟରେ ଅନ୍ୟ ୫ ପୁଅ ସୁଶୀଲ, ଅଧୀର, ସୁମନ୍ତ, ହେମନ୍ତ ଓ ଅନନ୍ତ, ୬ ପୁତ୍ରବଧୂ, ଝିଅ ସୁବର୍ଣ୍ଣଲତା ରାଉତ, ପୁଷ୍ପଲତା ବେହେରା, ଦେବୀରାଣୀ ବେହେରା ଓ ଛବିରାଣୀ ବେହେରାଙ୍କ ସମେତ ନ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ବ୍ଲକ କଂଗ୍ରେସ ସଭାପତି ଆଶିଷ ପାତ୍ର, ସାଧାରଣ ସମ୍ପାଦକ ଦୀପେଶ ଚନ୍ଦ୍ର ରାୟ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ତଥା ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଜେନା, ଜିଲ୍ଲା ପରିଷଦ ଜୋନ ସଭାପତି ରତନ ବାଗ, ରାଧାବିନୋଦ ଦାସ, ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ୫ ପୁଅ ମୁଖାଗ୍ନି ଦେଇଥିଲେ।

# ଉଦୟପୁର ବନବିଭାଗ ଦ୍ୱାରା କଇଁଛ ସୁରକ୍ଷା କାର୍ଯ୍ୟକ୍ରମ

**ଚନ୍ଦନେଶ୍ୱର, ୧୯।୧(ସମିସ) :** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରେଞ୍ଜ ସ୍ତରୀୟ ସାମୁଦ୍ରିକ କଇଁଛର ସୁରକ୍ଷା ଓ ସଚେତନତା ସମ୍ପର୍କିତ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ଜଳବାୟୁ ପରିବର୍ତ୍ତନ ପାଇଁ କଇଁଛଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି। ଏହାଛଡା ଅଣ୍ଡାରୁ ମାଈ ଓ ଅଣ୍ଡିରା କଇଁଛ ବାହାରିବା ମଧ୍ୟ ଜଳ ବାୟୁ ଉପରେ ନିର୍ଭର କରେ। ବାଲେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ଓ ଜଳେଶ୍ୱର ବନଖଣ୍ଡର ସହଯୋଗରେ ଭୋଗରାଇର ଉଦୟପୁର ଫରେଷ୍ଟ କାର୍ଯ୍ୟାଳୟ ପରିସରରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମକୁ ଜଳେଶ୍ୱର ରେଞ୍ଜ ଅଧିକାରିଣୀ ଜୟଶ୍ରୀ ମୁର୍ମୁ ପୌରୋହିତ୍ୟ କରିଥିଲେ। ଏଥିରେ ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ବେହେରା, ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ, ଉଦୟପୁର ବନପାଳ ପରମାନନ୍ଦ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଫରେଷ୍ଟ ଗାର୍ଡ ସଞ୍ଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ବନପାଳ ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଦେଇଥିଲେ। ଏହାଛଡା କଇଁଛ ଜଗୁଆଳୀ ଗଙ୍ଗାଧର ମଣ୍ଡଳ, ହରିଶଙ୍କର ସାହୁ, ଗୋପାଳ ଗିରି, କାହ୍ନୁଚରଣ ବେହେରା ପ୍ରମୁଖ ସେମାନଙ୍କ ଅନୁଭୂତି ବଖାଣି ଥିଲେ। ଏଥିରେ ଉଦୟପୁର, କୃଷ୍ଣନଗର, ଖଡିବିଲ ଓ ବିଚିତ୍ରପୁର ଇକୋଟୁରିଜିମ ବନ ସୁରକ୍ଷା କମିଟିର ସଦସ୍ୟ ମାନେ ଯୋଗଦାନ କରିଥିଲେ।

# ପଞ୍ଚାୟତ ସମିତି ଅଧିବେଶନରେ ହୋହଲ୍ଲା




**ଖଇରା, ୧୯।୧ (ସମିସ):** ଖଇରା ପଞ୍ଚାୟତସମିତିର ଅଷ୍ଟମ ଅଧିବେଶନ ହୋହାଲ୍ଲା ପାଟିତୁଣ୍ଡ ମଧ୍ୟରେ ଶେଷ ହୋଇଛି। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଲୋଚନା ପାଇଁ ୧୨ଟି ପ୍ରସଙ୍ଗ ରଖାଯାଇଥିବା ବେଳେ ଲୋକପ୍ରତିନିଧିଙ୍କ ଅସହଯୋଗ ଯୋଗୁଁ ଗୃହକାର୍ଯ୍ୟ ଚାଲିବାରେ ବାଧା ଉପୁଜିଥିଲା। ମୋଟ ୩୬ଜଣ ଲୋକପ୍ରତିନିଧି ଦସ୍ତଖତ କରିଥିବା ବେଳେ ଅନ୍ୟମାନେ ପ୍ରତିବାଦରେ ଏଥିରୁ ବିରତ ରହିଥିଲେ। ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉନଥିବା ନେଇ ବହୁ ଲୋକପ୍ରତିନିଧି ଅଭିଯୋଗ ଆଣିଥିଲେ।କ୍ରମାଗତ କିଛି ପୂର୍ବ ବୈଠକ ମାନଙ୍କରେ ପ୍ରଶାସନିକ ଅଧିକାରୀ ମାନେ ଅନୁପସ୍ଥିତ ରହୁଥିଲେ ହେଁ ବ୍ଲକ ପ୍ରଶାସନ କି ପଦକ୍ଷେପ ନେଇଛି ସେ ସମ୍ପର୍କରେ ଗୃହକୁ ଅବଗତ କରାଯିବା ଦରକାର ବୋଲି ଅଧିକାଂଶ ପ୍ରତିନିଧି ଦାବୀ କରିଥିଲେ। ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ଯେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା ତାହା ଗ୍ରହଣ କରାଯିବ ବୋଲି ବିଡିଓ ଅନନ୍ତ କୁମାର ହାଁସଦା ଗୃହକୁ ଜଣାଇଥିଲେ। ବର୍ତ୍ତମାନ ଖଇରାରେ ଅଫିସ ରାଜ ଚାଲିଛି କୌଣସୀ କାର୍ଯ୍ୟକ୍ରମରେ ନିର୍ବାଚିତ ପ୍ରତିନିଧିଙ୍କୁ ସାମିଲ କରାଯାଉନଥିବା ନେଇ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଅଭିଯୋଗ କରିଥିଲେ।

ଏହିପରି ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଖଇରା ବ୍ଲକରେ ନିର୍ବାଚିତ ପ୍ରତିନିଧିଙ୍କୁ ଉପେକ୍ଷା କରାଯାଉଥିବାରୁ ଏଭଳି ଅଧିବେଶନ ଆବଶ୍ୟକତା ନାହିଁ ବୋଲି କୁପାରୀ, ସାରୁଗାଁ, ବାଉଁଶଗଡ଼ିଆ, କଇଥଗଡ଼ିଆ ପଞ୍ଚାୟତ ସମେତ ଅନ୍ୟାନ୍ୟ ନିର୍ବାଚିତ ପ୍ରତିନିଧି ମାନେ ପ୍ରତିବାଦର ସ୍ୱର ଉଠାଇଥିଲେ। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏଥିରେ ହସ୍ତକ୍ଷେପ କରି ବ୍ଲକ କର୍ମଚାରୀ ମାନଙ୍କର କାର୍ଯ୍ୟଭାର ଅନେକ ବଢ଼ି ଯାଇଛି। ଏଣୁ ସେମାନଙ୍କର କାର୍ଯ୍ୟଚାପକୁ ଗୁରୁତ୍ୱ ନେଇ ସରକାରୀ ନୀତି ନିୟମ ରେ ବୈଠକ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ।

## ଶଙ୍ଖାରୀ ମଧୁସୂଦନ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

# ଆନ୍ତରିକତା, ସରଳତା ଓ ସଂଯମତାକୁ ଆୟତ୍ତକଲେ ସଫଳତା ମିଳେ

**ଚନ୍ଦନେଶ୍ୱର, ୧୯।୧(ସମିସ):**

ଜୀବନରୂପୀ ପରୀକ୍ଷାଗାରରେ ଆନ୍ତରିକତା, ସରଳତା ଓ ସଂଯମତାକୁ ଆୟତ୍ତ କଲେ ସଫଳତା ଲାଭକରି ଭଲମଣିଷଟେ ହୋଇପାରିବ ଏବଂ କେବଳ ପୁସ୍ତକ ଭିତରୁ ଶିକ୍ଷା କରିବା ସହିତ ନିଜର ପାରିପାର୍ଶ୍ୱିକ ସମାଜ ଓ ନିଜ ପରିବାରରୁ ମଧ ଶିକ୍ଷା ଅର୍ଜନ କରିବା ଉଚିତ ବୋଲି ଶୁକ୍ରବାର ଭୋଗରାଇର ଶଙ୍ଖାରୀ ମଧୁସୂଦନ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବରେ ଅତିଥି ମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନିଲ କୁମାର ଦତ୍ତ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ



ଶିକ୍ଷାଧିକାରୀ ଶ୍ରୀଯୁକ୍ତ କମଳଲୋଚନ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଭୋଗରାଇ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଶତିଶ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ଅତିଥି ଗ୍ରାମ୍ୟ ଉଚ୍ଚ ଶିକ୍ଷାପ୍ରତିଷ୍ଠାନର ଅଧ୍ୟାପକ ଦିଲ୍ଲିପ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟା ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର, ଦକ୍ଷିଣ ଭୋଗରାଇ ଓଷ୍ଟା ସଂଘର ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ନଟରଞ୍ଜନ ଘଡାଇ, ପରିଚାଳନା କମିଟିର ସଭାପତି ତ୍ରୈଲୋକ୍ୟ ନାଥ ଜେନା, ଶିକ୍ଷାବିତ କାମଦେବ ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ ଦୀପକ କୁମାର ଜେନା, ପୂର୍ବତନ ଶିକ୍ଷକ ବିଜୟ କୁମାର ସିଂହ, ସପନ ପଣ୍ଡା, ପଞ୍ଚାୟତ ସମିତି ସଦସ୍ୟ ସୁବାସିନୀ ଜେନା ପ୍ରମୁଖ ବକ୍ତବ୍ୟ ଦେଇ କହିଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷକ ଜ୍ୟୋତି ପ୍ରକାଶ ସେଠୀ, ଶିକ୍ଷୟତ୍ରୀ ସୁସ୍ମିତା ଦିଣ୍ଡା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପିଲାମାନଙ୍କୁ ରଜନୀକାନ୍ତ ମେମୋରିଆଲ ଟ୍ରଫି, ମନ୍ମଥ ନାଥ ଦାସ ଐତିହାସିକ ଟ୍ରଫି, ମନୋଜ ଦାସ ସାରସ୍ୱତ ଟ୍ରଫି, ବିଜୟ କୁମାର ସାମଲ କ୍ରୀଡାବୃତ୍ତି, ମେନୋକା କାମଦେବ, ତଥା ଏନଏମଏମଏସ ବୃତ୍ତି ପାଇଥିବା ପିଲାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ଧ୍ରୁବ ଚରଣ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦୀପ୍ତ କଟୁଆଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ରାମକୃଷ୍ଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର



**ଖଇରା, ୧୯।୧ (ସମିସ):** ଖଇରା ବ୍ଲକ ଅଧୀନ ଅନ୍ତରାସ୍ଥିତ ଅଗଣି ନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ମହାପାତ୍ରଙ୍କ ପୌରୋହିତ୍ୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇ ଯାଇଛି। କାଯ୍ୟନିର୍ବାହି ଅଧିକାରୀ ବନମାଳି ଉପାଧ୍ୟାୟ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ନରୋତ୍ତମ ରଥ, ଶରତ ଚନ୍ଦ୍ର ମହାରଣା ଓ ଭରତ ଚନ୍ଦ୍ର ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଣମିତା ଶୁକ୍ଳା ଓ ସୋନାଲୀ ସାହୁ ପ୍ରଶିକ୍ଷିକା ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ବିଭିନ୍ନ କୌଶଳ ଉପରେ ଶିକ୍ଷା ଦେଇଥିଲେ।

## ସରକାରୀ ଜମିରେ ବେଆଇନ ମାଛ ଚାଷ

# ପାଳନ ହେଉନି ଉପକୂଳବର୍ତ୍ତୀ ଜଳକୃଷି କର୍ତ୍ତୃପକ୍ଷଙ୍କ ଅଧିନିୟମ




**ବାଲେଶ୍ୱର, ୧୯।୧(ସମିସ):** ବାଲେଶ୍ୱର ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ଭାବେ ବେଆଇନ ମାଛ ଚାଷ ଚାଲିଛି। ଜିଲ୍ଲା ମତ୍ସ୍ୟ ବିଭାଗର ଅହେତୁକ ଅନୁକମ୍ପା ମୂଳେ ମାଛ ଚାଷୀ ମାନେ ପୋଖରୀ ନ ଖୋଳି ସରକାରୀ ଅର୍ଥ ହଡପ କରୁଥିବା ଅଭିଯୋଗ ହେଉଛି। ଉପକୂଳବର୍ତ୍ତୀ ଜଳ କୃଷି କର୍ତ୍ତୃପକ୍ଷଙ୍କ ଅଧିନିୟମକୁ ଜିଲ୍ଲା ମତ୍ସ୍ୟ ବିଭାଗ ପାଳନ କରୁ ନାହାନ୍ତି। ଫଳରେ ଅସାଧୁ ବ୍ୟକ୍ତି ମାନେ ମାଛ ଚାଷ କରିବା ଆଳରେ ସରକାରୀ ଅର୍ଥ ହଡପ କରୁଥିବା ଅଭିଯୋଗ ହେଉଛି।

ଜିଲ୍ଲାରେ ମାଛ ଚାଷ ଓ ଚାଷୀ ମାନଙ୍କର ଆର୍ଥିକ ବିକାଶ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଉଛି।ହେଲେ ଜିଲ୍ଲା ମତ୍ସ୍ୟ ବିଭାଗୀୟ ଅଧିକାରୀ ମାନେ ଅସାଧୁ ବ୍ୟକ୍ତି ମାନଙ୍କ ଦ୍ୱାରା ବେଆଇନ ମାଛ ଚାଷ କରି ସରକାରୀ ସବସିଡ ଅର୍ଥ ହଡପ ହେଉଥିବା ଅଭିଯୋଗ ହେଉଛି। ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଉପକୂଳବର୍ତ୍ତୀ ଅଞ୍ଚଳର ଆବାଦ ଯୋଗ୍ୟ ଅନାବାଦି ଜମି ଓ ସରକାରୀ ନାଳରେ ଚିଙ୍ଗୁଡ଼ି ଚାଷ ହେଉଛି। ଏହି ବେଆଇନ ଚିଙ୍ଗୁଡ଼ି ଚାଷ କରିବା ପାଇଁ ବିଭାଗୀୟ ଅଧିକାରୀ ମାନେ ଉତ୍କୋଚ ନେଇ ଚାଷୀ ମାନଙ୍କୁ ସୁଯୋଗ ଦେଉଥିବା ଜଣାଯାଇଛି। ଏ ବାବଦରେ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେବି ଏଭଳି ବେଆଇନ ଚିଙ୍ଗୁଡ଼ି ଚାଷ ବନ୍ଦ ହେଉନାହିଁ। ଉପକୂଳବର୍ତ୍ତୀ ଜଳ କୃଷି କର୍ତ୍ତୃପକ୍ଷ ଅଧିନିୟମ ୨୦୦୫ ଅନୁସାରେ ମାଛ କିମ୍ବା ଚିଙ୍ଗୁଡ଼ି ଚାଷ ପାଇଁ ଫାର୍ମ ପଞ୍ଜୀକରଣ କରିବା ନିତ୍ୟାନ୍ତ ଆବଶ୍ୟକତା ରହିଛି। ବିନା ପାଞ୍ଜୀକରଣରେ କ୍ଷାର ଜଳୀୟ ଚିଙ୍ଗୁଡ଼ି ଚାଷ କଲେ, ତିନି ବର୍ଷ ଜେଲ କିମ୍ବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାର ନିୟମ ରହିଛି। ନଚେତ ଏହି ଉଭୟ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଧିନିୟମରେ ଉଲ୍ଲେଖ କରାଯାଇଛି। ହେଲେ ବାଲେଶ୍ୱର ଜିଲ୍ଲାରେ ଏହାର ବ୍ୟତିକ୍ରମ ହେଉଛି। ଏହି ଜିଲ୍ଲାରେ ବ୍ୟାପକ ଭାବେ ଅଣ ପଞ୍ଜିକୃତ ଫାର୍ମ କିମ୍ବା ଅବଧି ସରିଥିବା ଫାର୍ମରେ ଚାଷୀମାନେ ବେଆଇନ ଚିଙ୍ଗୁଡ଼ି ଚାଷ କରୁଥିବାର ଦେଖାଯାଉଛି।ତେବେ ବାରମ୍ବାର ଅଭିଯୋଗ ପରେବି, ଗତ କିଛି ମାସ ତଳେ ସଦର ତହସିଲଦାରଙ୍କୁ ସିଲଦା ମୌଜାରେ ବିନା ପଞ୍ଜିକରଣରେ ନାଳ ଓ ନାୟନଯୋରିରେ ଚାଲିଥିବା ଚିଙ୍ଗୁଡ଼ି ଫାର୍ମକୁ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ଥିଲା। ମାତ୍ର ତହସିଲଦାରଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଜଣାଯାଇଛି। ସେହିଭଳି ବାଲେଶ୍ୱର ସଦର ବ୍ଲକ ବାଟିଟାଙ୍କି ମୌଜାରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ(ଇରିଗେସନ) ନାମରେ ଦଶ ଏକରରୁ ଉର୍ଦ୍ଧ ଜାଗାରେ ବେଆଇନ ୯ଟି ପୋଖରୀ ଖୋଳାଯାଇ ମାଛ ଚାଷ କରାଯାଇଛି। ଏହି ୯ଟି ପୋଖରୀ ଖୋଳି ମାଛ ଚାଷ କରିବା ପାଇଁ ସ୍ଥାନୀୟ ତିନି ଜଣ ବ୍ୟକ୍ତି ମତ୍ସ୍ୟ ବିଭାଗ ଅଧିକାରୀ ମାନଙ୍କ ସହିତ ମଧୁଚନ୍ଦ୍ରିକା କରି ସରକାରଙ୍କ ସବ୍‌ସିଡ ଋଣ ବ୍ୟାଙ୍କରୁ ହାତେଇ ନେଇଛନ୍ତି। ଏହାବାଦ ହାଇଟାଇଡ୍ ଜୋନ ଅଞ୍ଚଳରେ ମଧ ଚିଙ୍ଗୁଡ଼ି ଚାଷ କରାଯାଇଛି। ପୁଣି ଅନେକ ସ୍ଥାନରେ ପୋଖରୀ ଖୋଳା ଯାଇ ନଥିଲାବେଳେ ମତ୍ସ୍ୟ ବିଭାଗର ଅନୁମୋଦନ ମୂଳେ ବ୍ୟାଙ୍କ ରୁ ସବସିଡ ଋଣ ହାତେଇ ନିଆଯାଇଛି। ମତ୍ସ୍ୟ ବିଭାଗର ଏଭଳି ବେଆଇନ କାର୍ଯ୍ୟ ବିରୁଦ୍ଧରେ ବାଲେଶ୍ୱରର ଜନୈକ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପ୍ରଧାନଙ୍କ ତରଫରୁ ଅଭିଯୋଗ ହେବା ପରେ ବିଭାଗୀୟ ଅଧିକାରୀ ମାନେ ସଚେତନ ହେଇଥିବା ଜଣାଯାଇଛି। ଆଇନଜୀବୀ ଶ୍ରୀ ପ୍ରଧାନ କୁହନ୍ତି, ଜିଲ୍ଲା ମତ୍ସ୍ୟ ବିଭାଗ ସମ୍ପ୍ରତି ଦୁର୍ନୀତିର ଗନ୍ତାଘର ପାଲଟିଛି। ମତ୍ସ୍ୟ ବିଭାଗର ଏହି ସବୁ ଦୁର୍ନୀତି ବିରୁଦ୍ଧରେ ଭିଜିଲାନ୍ସରେ ସେ ଅଭିଯୋଗ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ସଠିକ ତଦନ୍ତ କରାଯିବା ଆବଶ୍ୟକ। ବର୍ତ୍ତମାନର ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ବଦଳି ନ ହେବା ପର୍ଯ୍ୟନ୍ତ, ଏହିଭଳି ଦୁର୍ନୀତି ହେଉଥିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ତେବେ ଏବାବଦରେ ମତାମତ ନେବା ପାଇଁ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର ବେହେରାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇ ଥିଲେ ବି ସେ ଫୋନ ରିସିଭ କରିନଥିଲେ।

# ରେଳଷ୍ଟେସନ ନିକଟରୁ ଯୁବକଯୁବତୀ ଉଦ୍ଧାର

**ସୋର, ୧୯।୧(ସମିସ):** ସୋର ରେଳ ଷ୍ଟେସନ ନିକଟରୁ ଯୁବକ ଯୁବତୀଙ୍କୁ ଉଦ୍ଧାର କରି ସୋର ଥାନାକୁ ଆଣିଥିବା ଜଣାପଡ଼ିଛି।ଆଜି ଅପରାହ୍ନରେ ପାରାଦୀପ ଅଞ୍ଚଳର ଜଣେ ଯୁବତୀ ରେଳ ଷ୍ଟେସନକୁ ଭଦ୍ରକ ଅଞ୍ଚଳର ଜଣେ ଯୁବକଙ୍କ ସହ ଯାଉଥିବା ବେଳେ ହଠାତ ବଞ୍ଚାଅ ବଞ୍ଚାଅ ଚିତ୍କାର କରି ଏକ ହୋଟେଲକୁ ପଶିଯାଇଥିଲେ। ପରେ ଭଦ୍ରକ ଅଞ୍ଚଳର ଯୁବକ ଜଣଙ୍କ ଉକ୍ତ ହୋଟେଲକୁ ଯାଇଥିଲେ। ଏହା ଦେଖି ହୋଟେଲ ମାଲିକ ଜଣଙ୍କ ଉଭୟଙ୍କୁ ସେଠାରେ ଅଟକ ରଖି ସୋର ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଥାନାକୁ ଆଣି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଖବର ପାଇ ଯୁବତୀଙ୍କ ପରିବାର ଲୋକେ ଥାନାରେ ପହଞ୍ଚିଥିବା ବେଳେ ଯୁବତୀ ଜଣଙ୍କ ଗତକାଲି ଠାରୁ ନିଖୋଜ ଥିବା ସୂଚନା ମିଳିଛି।

# ସଡ଼କ ଦୁର୍ଘଟଣାରେ ପଣପଣା ଯୁବ ବିଜେଡି ସଭାପତିଙ୍କ ମୃତ୍ୟୁ



**ଖନ୍ତାପଡ଼ା, ୧୯।୧ (ସମିସ):** ବାହାନଗା ବ୍ଲକ ପଣପଣା ପଞ୍ଚାୟତ ବିଷ୍ଣୁଚକ ଗ୍ରାମର ୩ ନମ୍ବର ୱାର୍ଡ ଦେଖିବାକୁ ମିଳିଛି ହୃଦୟ ବିଦାରକ ଘଟଣା। ଭେଣ୍ଟିଆ ପୁଅର ଜୀବନ ବଞ୍ଚାଇବାକୁ ପରିବାର ଲୋକେ ସଂଘର୍ଷ କରୁଥିବାବେଳେ ଗତକାଲି ସନ୍ଧ୍ୟାରେ ନିଧନ ଘଟିଛି। ସୂଚନା ମୁତାବକ କୃଷ୍ଣଚନ୍ଦ୍ର ପାତ୍ର ଓ ସତ୍ୟଭାମା ପାତ୍ରଙ୍କର ସାନ ପୁଅ ଅଭିମନ୍ୟୁ ପାତ୍ର (ଅଭି)(୨୮)। ଅଭି ପଣପଣା ଯୁବ ବିଜେଡି ସଭାପତି କାର୍ଯ୍ୟ କରିବା ସହ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟକରି ନିଜର ଓ ବାପା, ମାଆଙ୍କର ଯତ୍ନ ନେଉଥିବା ବେଳେ ଗତ ୭ତାରିଖ ଦିନ ନିଜର ମଟର ସାଇକେଲ ଯୋଗେ ଯାଉଥିବାବେଳେ ପଣ୍ଡା ପାର୍କ ନିକଟରେ ଦୁର୍ଘଟଣା ଘଟିଥିଲା। ଫଳରେ ବ୍ରେନରେ ଗଭୀର ଆଘାତ ଲାଗିଥିବା ବେଳେ ରକ୍ତ ମଧ ଜମାଟବାନ୍ଧି ରହିଥିବା ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କର ଚିକିତ୍ସା ଭୁବନେଶ୍ୱରସ୍ଥିତ ସମ ହସ୍ପିଟାଲ ରେ ହେଉଥିଲେ। ତାଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଆଜି ଅପରାହ୍ନରେ ତାଙ୍କ ମର ଶରୀର ଗାଁରେ ପହଞ୍ଚିବା ପରେ ଜିଲ୍ଲା ବିଜେଡି ଉପ ସଭାପତି ସନ୍ତୋଷ ଖଟୁଆ, ଜିଲ୍ଲା ବିଜୁ ଯୁବ ସଭାପତି ତାପସ ପରିଡ଼ା, ଅନନ୍ତ ମଳିକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସେଠାରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗ ଙ୍କୁ ସମବେଦନା ଜଣାଇଥିଲେ।

# ଚୋରି ଘଟଣାରେ ଦୁଇ ଅଟକ, ବାଇକ ଉଦ୍ଧାର

**ସୋର, ୧୯।୧(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ନିକଟରୁ ଏକ ବାଇକ ଚୋରି ଘଟଣାରେ ପୁଲିସ ବାଇକ ଉଦ୍ଧାର କରିଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି ସୋର ପୁଲିସ। ସୋର ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ଗୟାଧର ସାହୁ ଗତକାଲି ସନ୍ଧ୍ୟାରେ ଉତ୍ତରେଶ୍ୱରସ୍ଥିତ ଭଡା ଘର ନିକଟରେ ତାଙ୍କ ବାଇକ ଟିକୁ ରଖି ଘର ମଧକୁ ଯାଇଥିଲେ। କିନ୍ତୁ ରାତିରେ ରଖିଥିବା ସ୍ଥାନରେ ବାଇକ ଟିକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏ ବାବଦରେ ଶ୍ରୀ ସାହୁ ଆଜି ମଧ୍ୟାହ୍ନରେ ସୋର ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ପୌର ପାଳିକା ଅନ୍ତର୍ଗତ ପଠାଣ ମହଲ୍ଲାରୁ ବାଇକଟିକୁ ଉଦ୍ଧାର କରିବା ସହିତ ଏହି ଘଟଣାରେ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

## ● ବାହାନଗା ରେଳ ଦୁର୍ଘଟଣାରେ ନିଃସ୍ୱାର୍ଥ ସେବା

# ଈଶ୍ୱର କୃପା ୱେଲଫେୟାର ଟ୍ରଷ୍ଟ ସମ୍ବର୍ଦ୍ଧିତ



**ବାଲେଶ୍ୱର, ୧୯।୧(ସମିସ):** ବାହାନଗାଠାରେ ୨୦୨୩ ମସିହା ଜୁନ ଦୁଇ ତାରିଖରେ ଘଟିଥିବା ଭୟାନକ ରେଳ ଦୁର୍ଘଟଣା ବେଳେ ଦୀର୍ଘ ସାତ ଦିନ ଧରି ଦୁର୍ଘଟଣା ସ୍ଥଳରେ ଓ ମେଡ଼ିକାଲରେ ନିଃସ୍ୱାର୍ଥ ଭାବେ ସେବା ଯୋଗାଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଶ୍ୱର କୃପା ୱେଲଫେୟାର ଟ୍ରଷ୍ଟକୁ ବାଲେଶ୍ୱର ପୁଲିସ ଲାଇନ୍ ପଡ଼ିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିବା କୋଶମ୍ବ ମେଳା -୨୦୨୪ ତଥା ବାଲେଶ୍ୱର ଜିଲ୍ଲାସ୍ତରୀୟ ମେଳା ଓ ପଲ୍ଲିଶ୍ରୀ ମେଳାରେ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଧ, ଡ଼ିଆଇଜି ହିମାଂଶୁ ଲାଲ, ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଉତ୍ତରୀୟ ଓ ମାନପତ୍ର ଦେଇ ଅନୁଷ୍ଠାନର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିପାଇଁ ଟ୍ରଷ୍ଟର ମୁଖ୍ୟ ଲୋକନାଥ ପିରି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଧଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପୌରପାଳିକାରେ ଭୀମଭୋଇ ସାମର୍ଥ୍ୟ ଶିବିର

**ସୋର, ୧୯।୧(ସମିସ):** ସୋର ପୌର ପାଳିକା ତରଫରୁ ଦ୍ୱାଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏନଏସି ବାପୁ ନୋଡାଲ ଉଚ୍ଚ ବିଦ୍ୟାପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ପୌର ପାଳିକା ପାଇଁ ଅନୁଷ୍ଠିତ ଏହି ଶିବିରରେ ଅସ୍ଥିଶଲ୍ୟ ପାଇଁ ୧୩୬ ଜଣ, ଆଖି ପାଇଁ ୫୨ ଜଣ, ମାନସିକ ଅନଗ୍ରସର ୪୮ ଜଣ, ଇଏନଟି ବିଭାଗରେ ୮୬ ଜଣ ମୋଟ ୩୨୨ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଏହି ଶିବିରରେ ଉପସ୍ଥିତ ବିଭାଗୀୟ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ୟୁଡିଆଇଡି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷ ମାଧବ ଧଡ଼ା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଉପାଧ୍ୟକ୍ଷା ସସ୍ମିତା ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ପ୍ରୋଗ୍ରାମିଙ୍ଗ ଆସିଷ୍ଟାଣ୍ଟ ଦୀପକ କୁମାର ସାହୁ, ପୌରପାଳିକାର ସମସ୍ତ ପାରିଷଦ ଏବଂ କର୍ମଚାରୀ ମାନେ ପରିଚାଳନା କରିଥିଲେ।

# ସହାୟତାର ହାତ ବଢ଼ାଇଲେ କଂଗ୍ରେସ ନେତା



**ସିମୁଳିଆ, ୧୯।୧(ସମିସ):** କର୍କଟ ରୋଗରେ ପିଡିତ ଥାଇ ମୃତ୍ୟୁବରଣ କରିଥିବା ମାଆର ଶୁଦ୍ଧିକ୍ରିୟା ନିମନ୍ତେ ଭିକ୍ଷାବୃତ୍ତି କରୁଥିବାର ଖବର ପାଇ ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇଥିବାର ଜଣାଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅବର୍ଝୁଣା ପଞ୍ଚାୟତର ସିଂହାଣିପୋଖରୀ ଗ୍ରାମର ୭ନଂ ୱାର୍ଡର ରତ୍ନାକର ଜେନାଙ୍କ ସ୍ତ୍ରୀ ଯେମାମଣୀ ଜେନା(୫୧) ବର୍ଷ ଦୀର୍ଘ ୮ମାସ ଧରି କର୍କଟ ରୋଗରେ ପିଡିତ ଥାଇ ୫ଦିନ ତଳେ ମୃତ୍ୟୁବରଣ କରିଥିଲେ। ମୂଲମଜୁରୀ ଲାଗି ପରିବାର ଚଳାଉଥିବା ରତ୍ନାକର ପରିବାରର ଦିବ୍ୟାଙ୍ଗ ପୁଅ ସମେତ ୩ଟି ଝିଅ ଥିବାବେଳେ ପରିବାର ଚଳାଇ ଶୁଦ୍ଧିକ୍ରିୟା କରିବା କଷ୍ଟକର ହୋଇପଡ଼ିଛି। ବାଧ ହୋଇ ପରିବାରର ଦିବ୍ୟାଙ୍ଗ ପୁଅ ଓ ଝିଅ ମାଆର ଶୁଦ୍ଧିକ୍ରିୟା ନିମନ୍ତେ ଘରକୁ ଘର ବୁଲି ଭିକ୍ଷା ମାଗିବାର ଖବର ପ୍ରସାର ହୋଇଥିଲା। ଏଭଳି ସ୍ପର୍ଶକାତର ଘଟଣାର ଖବର ପାଇ ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ହିମାଂଶୁ ବେହେରା ଅସହାୟ ପରିବାର ନିକଟରେ ପହଞ୍ଚିଥିଲେ। ଯେମାମଣୀଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଆର୍‌ôଥକ ସହାୟତା ଦେବା ସହ ରତ୍ନାକର ବୟସ ହୋଇ ଯାଇଥିଲେ ବି ଅଦ୍ୟାବଧି ବାର୍ଦ୍ଧକ୍ୟ ଭତ୍ତା ପାଇ ନ ଥିବାରୁ ଭତ୍ତା ପାଇବା ପର୍ଯ୍ୟନ୍ତ ମାସିକ ଆର୍‌ôଥକ ସହାୟତା ଯୋଗାଇବାକୁ ପ୍ରତିଶୃତି ଦେଇଥିଲେ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ 'ଊର୍ଜା ମହୋତ୍ସବ'

# ଶକ୍ତି ସଞ୍ଚୟ କ୍ଷେତ୍ରରେ ପିଲାଙ୍କ ସୃଜନଶୀଳତା ବିକାଶକୁ ଗୁରୁତ୍ୱ



**ବାଲେଶ୍ୱର, ୧୯।୧(ସମିସ):** ଆଜିର ଶିଶୁ କାଲିର ଭବିଷ୍ୟତ। ଭବିଷ୍ୟତ ପାଇଁ ଶକ୍ତି ସଞ୍ଚୟ ନିହାତି ଜରୁରୀ। ପିଲାଙ୍କ ମଧ୍ୟରେ ଶକ୍ତି ସଞ୍ଚୟ ଓ ଅକ୍ଷୟ ଶକ୍ତିର ବିନିଯୋଗ କରିବା ନେଇ ବିଚାରଧାରା ସୃଷ୍ଟି ଉଦ୍ଦେଶ୍ୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓ?ଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ଯାଜପୁର ପୁର ଜିଲ୍ଲା ସ୍ଥିତ ବିଏନ୍ ସରକାରୀ ହାଇସ୍କୁଲରେ ଉର୍ଜା ମହୋତ୍ସବ ଆୟୋଜନ କରିଛି। ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ନିବେଦିତା ପାଣି ମହୋତ୍ସବର ଉଦ୍‌ଘାଟନ କରିଥିବାବେଳେ କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ସିଏସଆର ମୁଖ୍ୟ ଦିଲ୍ଲୀପ କୁମାର ସାହୁ, ବିଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ କେସି ସାମଲ, ସରୋଜ ମାନିଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୨୦ଟି ବିଦ୍ୟାଳୟର ୪ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ପ୍ରକଳ୍ପ, ପୋଷ୍ଟର ତିଆରି, କୁଇଜ, ସ୍ଲୋଗାନ ଆଦି ପ୍ରତିଯୋଗିତା ମାଧ୍ୟମରେ ପିଲାମାନେ ଶକ୍ତି ସଂରକ୍ଷଣ ସମ୍ପର୍କିତ ନିଜର ପାରଦର୍ଶିତା ପ୍ରତିପାଦନ କରିଥିଲେ। ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପାଣି ଟିପିଏନଓଡିଏଲର ଏଭଳି ପ୍ରୟାସର ପ୍ରଶଂସା କରିବା ସହ ଶକ୍ତି ସଂରକ୍ଷଣର ଅବଶ୍ୟକତା ଓ ଏହାର ଉପାୟ ପିଲାଙ୍କୁ ସଚେତନ ଦିଗରେ ନିଶ୍ଚୟ ସହାୟକ ହେବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଏହି ପ୍ରୟାସ ପିଲାଙ୍କ ସୃଜନଶୀଳତା ବିକାଶ କରିବାରେ ବେଶ୍ ପ୍ରଭାବ ପକାଇବ ବୋଲି ମଧ୍ୟ କହିଥିଲେ। ସିଏସଆର ମୁଖ୍ୟ ଶ୍ରୀ ସାହୁ ଟିପିଏନଓଡିଏଲର ବିଭିନ୍ନ ସିଏସଆର କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିବାବେଳେ ପ୍ରଧାନ ଶିକ୍ଷକ ଶ୍ରୀ ସାମଲ ଟିପିଏନଓଡିଏଲର ଏଭଳି ପ୍ରୟାସ ପିଲାଙ୍କୁ ଭବିଷ୍ୟତ ପାଇଁ ସଶକ୍ତ କରାଇବ ବୋଲି ଅଭିମତ ରଖିଥିଲେ। ତେବେ ଟିପିଏନଓଡିଏଲ ସିଇଓ ଭାସ୍କର ସରକାର ଟିପିଏନଓଡିଏଲ ସିଏସଆର ଟିମର ଲୋକାଭିମୁଖୀ କାର୍ଯ୍ୟପନ୍ଥାକୁ ପ୍ରଶଂସା କରିବା ସହ ଶିକ୍ଷା, ଉଦ୍ୟୋଗୀ, ସ୍ୱରୋଜଗାର, ନିଯୁକ୍ତି ଓ ମୌଳିକ ସେବା ଯୋଗାଇବା ଆଦି କାର୍ଯ୍ୟକ୍ରମଗୁଡିକ ଦିଗରେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ।

# ଭୋଗରାଇ ବିଜେପି ପକ୍ଷରୁ ସ୍ୱଚ୍ଛତା ଅଭିଯାନ



**ଚୌକି, ୧୯।୧(ସମିସ):** ଆସନ୍ତା ଜାନୁଆରୀ ୨୨ତାରିଖରେ ଅଯୋଧ୍ୟା ଠାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ମର୍ମରେ ବିଜେପି ଦଳ ପକ୍ଷରୁ ଓଡ଼ିଶାରେ ଅବସ୍ଥିତ ସମସ୍ତ ଦେବା ଦେବୀ ମନ୍ଦିରରେ ଜୁନ ୧୪ ତାରିଖରୁ ଜୁନ ୨୨ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଆଜି ଭୋଗରାଇର ଅଧିଷ୍ଠିତ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ମନ୍ଦିର ପରିସରରେ ବିଜେପି ନେତା ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି। ଦଳ ପକ୍ଷରୁ ମାନସ ମହାନ୍ତି, ସଞ୍ଜୀବ ସାହୁ, କ୍ୟାପଟେନ ଅଶୋକ ଦାସ, ଅନିମା ପାଣିଗ୍ରାହୀ, ସୁଦୀପ୍ତ ଆଚାର୍ଯ୍ୟ, ଅଧିର ଜେନା, କମଳାକାନ୍ତ ଜେନା, ଜନ୍ମଜୟ ପ୍ରାମାଣିକ, ଅଦିତି ସିଂ, ରଞ୍ଜନ ବାରିକ, ସୁଜିତ୍ ଦାସ, ଯଦୁନାଥ ଜେନା, ରବୀନ୍ଦ୍ର ପୁଷ୍ଟୀ, ବୈଦ୍ୟନାଥ ଭଞ୍ଜ, ମମତା ରାଉଳ, ଜାନକୀ ଦାସ, ଜଗ ନାଥ ଦେ, ରାମ ଚନ୍ଦ୍ର ଗିରି, ତରୁଣ ମିଶ୍ର ପ୍ରମୁଖ ଙ୍କ ସହ ଦଳୀୟ କର୍ମକର୍ତ୍ତା ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ମନ୍ଦିର ପରିସର ଓ ବାହାରେ ଅଳିଆ ଆବର୍ଜନା କୁ ସଫା କରିଥିଲେ। ସେହିପରି ଦଳ ପକ୍ଷରୁ ଗତ ଗୁରୁବାର ଭୋଗରାଇ ହାଟ ସ୍ଥିତ ମା ବିଜୟ ବାଶୁଳି ମନ୍ଦିର ପରିସରରେ ମଧ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାଧାକାହ୍ନୁ ମନ୍ଦିରର ଦଧିନଉତି ସ୍ଥାପନ



**ସିମୁଳିଆ, ୧୯।୧(ସମିସ):** ମଇତାପୁର ମହାନ୍ତିସାହିରେ ନବ ନିର୍ମିତ ରାଧାକାହ୍ନୁ ମନ୍ଦିରର ଦଧିନଉତି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତର ମହାନ୍ତି ସାହିରେ ଶ୍ରୀ ଶ୍ରୀ ରାଧାକାହ୍ନୁ ମନ୍ଦିରର ଦଧିନଉତି ସ୍ଥାପନ ଅବସରରେ ବହୁ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ଉପସ୍ଥିତରେ ଦେଢ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନୀଳଚକ୍ରକୁ କ୍ରେନ ସାହାର୍ଯ୍ୟରେ ସ୍ଥାପନ କରାଯାଇଥିଲା। ୬୧ ଫୁଟର ଉଚ୍ଚତା ମନ୍ଦିର ପ୍ରାୟ ଦୁଇ ବର୍ଷରରୁ ଊର୍ଦ୍ଧ୍ୱ ସମୟ ଲାଗିଥିବାବେଳେ ୧୫ଜଣ କାରିଗର ଏହି କାର୍ଯ୍ୟ ସଂମ୍ପାଦନା କରିଥିଲେ। ବହୁ ଶ୍ରଦ୍ଧାଳୁ ଏହି ଅବସରରେ ଧାନ, ସୁନା, ରୁପା ଓ ଅଳଙ୍କାର ଦ୍ରବ୍ୟ ପ୍ରଦାନ କରିଥିଲେ। ଚଳିତ ମାସ ୩୦, ୩୧ ଓ ଫେବୃଆରୀ ୧ତାରିଖ ରାଧାକାହ୍ନୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ବଡ ଧୂମଧାମରେ ପାଳନ ହେବ। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ଜନସାଧାରଣ ଯୋଗଦେବା ନିମନ୍ତେ ମନ୍ଦିର ପରିଚାଳନାର ମୁଖ୍ୟ ଡ. ବିଷ୍ଣୁମୋହନ ମହାନ୍ତି ନିବେଦନ କରିଛନ୍ତି।

# ବିଭିନ୍ନ ମନ୍ଦିରରେ ସ୍ୱଚ୍ଛତା ଅଭିଯାନ



**ଜଳେଶ୍ୱର ବ୍ଲକ, ୧୯।୧ (ସମିସ) :** ଅଯୋଧ୍ୟାରେ ପ୍ରଭୁ ରାମଲାଲାଙ୍କ ଭବ୍ୟ ଓ ଦିବ୍ୟ ନୂତନ ମନ୍ଦିର ଓ ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ଦେଶବାସୀଙ୍କୁ ଜାନୁଆରୀ ୧୪ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଦେଶର ସମସ୍ତ ମନ୍ଦିର ଏବଂ ତୀର୍ଥସ୍ଥଳୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା ସ୍ୱଚ୍ଛତା ଅଭିଯାନରେ ଆଜି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜପୁର ପଞ୍ଚାୟତ ରାଜପୁର ଗ୍ରାମରେ ବାବା ଶ୍ରୀ ଶ୍ରୀ ରାଜ ରାଜକେଶ୍ୱର ମହାଦେବଙ୍କ ମନ୍ଦିର ଓ ଶିଖରପୁର ପଞ୍ଚାୟତରେ ଶିଖରପୁର ଗ୍ରାମ ଦେବତୀ ଓ ଶ୍ରୀ ଶ୍ରୀ ବରାଳ ବାଲୁକେଶ୍ୱର ମହାଦେବ ମନ୍ଦିର ତଥା ମା ଭଗବତୀ ମନ୍ଦିରକୁ ବିଜେପି ଜଳେଶ୍ୱର ବରିଷ୍ଠ ନେତା ସିଦ୍ଧାର୍ଥ ଶଙ୍କର ପାଳ, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ କୁମାର ବିଶ୍ୱାଳ, ସଂଗ୍ରାମ କେଶରୀ ପରିଡ଼ା, ଅଜୟ ଦାସ, ଚିନ୍ମୟ ଦାସ, ଦିଲ୍ଲୀପ ବେହେରା, ସୁହାସ ସୈନିକ, କାହ୍ନୁ ଚରଣ ଗିରି, ଗୀତାଞ୍ଜଳି ବ୍ରହ୍ମ, ଜ୍ୟୋତ୍ସ୍ନାରାଣୀ ବେହେରା, ବର୍ଣ୍ଣାଳି ଦାସ, ସୁମିତ୍ରା ବିଶ୍ୱାଳ, ନଗେନ ନାୟକଙ୍କ ସହିତ ଗ୍ରାମର ରାମ ଭକ୍ତ ମାନେ ଉପସ୍ଥିତ ହୋଇ ସଫେଇ କାର୍ଯ୍ୟ କରିଥିଲେ।

## ପଞ୍ଚାୟତ ସମିତି ବୈଠକ ପ୍ରହସନ

# ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକୁ ବେଖାତିର ନେଇ ଉଦ୍‌ବେଗ

**ରୂପସା, ୧୯।୧ (ସମିସ):** ବସ୍ତା ପଞ୍ଚାୟତ ସମିତିରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକୁ ବିଡିଓ ବେଖାତର୍ କରିଥିବା ଅଭିଯୋଗ ହୋଇଛି। ମହିଳା ସରପଞ୍ଚଙ୍କ ସ୍ୱାମୀ, ଦିଅର, ଶ୍ୱଶୁର ଏହି ବୈଠକରେ ଉପସ୍ଥିତ ରହିଥିବାର ଦେଖିବାକୁ ମିଳିଛି। ଏପରିକି ବ୍ଲକ ଚେୟାରମ୍ୟାନଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ମଧ କାର୍ଯ୍ୟ ତୁଲାଇଥିବା ପରିଲକ୍ଷିତ ହୋଇଛି। ଏହି ଘଟଣା ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି।

ରାଜ୍ୟ ସରକାରଙ୍କ ଚିଠି ନଂ ୭୨୭/୯.୧.୨୪ ଏବଂ ବସ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଚିଠି ନଂ ୨୮୭/୧୮.୧.୨୪ ମୁତାବକ ଆମ ଓଡ଼ିଶା।। ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଜି ଅପରାହ୍ଣରେ ବ୍ଲକ ସଭାଗୃହରେ ବ୍ଲକ ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଆରଏସ୍, ଜିଲା ପରିଷଦ ସଭ୍ୟ ଓ ପଞ୍ଚାୟତ ନିର୍ବାହୀ ଅଧୀକାରିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ମୋହିନୀ କୁମାର ନାଏକ ସମସ୍ତ ଜନ ପ୍ରତିନିଧିଙ୍କୁ ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। କିନ୍ତୁ ବୈଠକରେ ବ୍ଲକ ଅଧକ୍ଷାଙ୍କ ସ୍ୱାମୀଙ୍କ ସମେତ ଗଡ଼ପଦା ପଞ୍ଚାୟତ ସରପଞ୍ଚଙ୍କ ଶ୍ୱଶୁର, ରାଉତପଡ଼ା ସରପଞ୍ଚଙ୍କ ସ୍ୱାମୀ, ପତ୍ରଝଡ଼ା ସରପଞ୍ଚଙ୍କ ଦିଅର ପ୍ରମୁଖ ବୈଠକରେ ଉପସ୍ଥିତ ଥିବାରୁ ଅନ୍ୟ ମହିଳା ପ୍ରତିନିଧି ମାନେ ବିରକ୍ତ ଭାବ ପ୍ରକାଶ କରିଥିଲେ। ମହିଳା ସରପଞ୍ଚଙ୍କ ନାମରେ ତାଙ୍କ ସମ୍ପର୍କୀୟଙ୍କ ଶାସନ ଚଳିବ ନାହିଁ ବୋଲି ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଅଛି।କିନ୍ତୁ ବସ୍ତା ସମିତି କାର୍ଯ୍ୟାଳୟରେ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉ ନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ସଭାଗୃହର ସିସିଟିଭିକୁ ଯାଞ୍ଚ କରାଯାଇ ଘଟଣାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ବିଡିଓ ମୋହିନୀ କୁମାର ନାଏକଙ୍କୁ ପଚାରିବାରୁ ସେ ଘଟଣାର ଅନୁଧ୍ୟାନ ଚଳାଇଥିବା ଓ ଆଜିର ଘଟଣାର ପୁନରାବୃତ୍ତି ଯେଭଳି ନହେବ ସେ ଦିଗରେ ଧ୍ୟାନ ଦେବେ ବୋଲି କହିଛନ୍ତି ।

ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

# 'ଭାଷା ଓ ସାହିତ୍ୟର ଉନ୍ନତି ହେଲେ ଜାତିର ବିକାଶ ସମ୍ଭବ'


ନାମ୍ପୋ


ଚନ୍ଦନେଶ୍ୱର



ଚୌକି

ନାମ୍ପୋ, ୧୯।୧(ସମିସ): ଜଳେଶ୍ୱର ବ୍ଲକ ସମ୍ପଡିଆ ପଞ୍ଚାୟତର ସମ୍ପଡିଆ ଗ୍ରାମରେ ଅବସ୍ଥିତ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୃଜନ ଶୀଳତା ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାପତି ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ପୁରାତନ ଛାତ୍ର ସଂସଦ ର ସଭାପତି ଡ଼ କାଳିଚରଣ ଶତପଥୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ନାମ୍ପୋର ସଂଯୋଜକ ଚନ୍ଦ୍ରମୋହନ କୁଇଲା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଭୂପତି ଚରଣ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୀତାଞ୍ଜଳି କମିଲା, ପି ଟି ଏ ର ସଦସ୍ୟ ସନାତନ ସାସମଲ, ଗୌରହରି କମିଲା ଓ ସଦସ୍ୟା ସାରଥୀ ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ପକ୍ଷରୁ ଭାଷା ସାହିତ୍ୟ, ବିଜ୍ଞାନ, କ୍ରୀଡା ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରଦର୍ଶନୀ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଭାଷା ଓ ସାହିତ୍ୟର ଉନ୍ନତି ସାଧନ ହେଲେ ଏକ ଜାତିର ଉନ୍ନତି ସମ୍ଭବ ହେବ, ବିଜ୍ଞାନ ଦ୍ୱାରା କିପରି ମଣିଷର ବହୁବିଧ ଉନ୍ନତି ସାଧନ ହେଉଛି, ମଣିଷ ପ୍ରତି କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାକୁ ପାଥେୟ କରି ଅସମ୍ଭବକୁ ସମ୍ଭବ ଓ ସହଜ ସାଧ୍ୟ କରିପାରୁଛି ଏବଂ କ୍ରୀଡା ଓ ବ୍ୟାୟାମ ଦ୍ୱାରା କିପରି ମଣିଷର ଶାରୀରିକ ଓ ମାନସିକ ବିକାଶ ହେଉଛି ଏ ସମ୍ପର୍କରେ ଛାତ୍ର ଛାତ୍ରୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସାହିତ୍ୟ, ବିଜ୍ଞାନ, ଗଣିତ, କ୍ରୀଡା ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ସଭାପତି ଓ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।

**ଚନ୍ଦନେଶ୍ୱର** : ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତ ବାଡ଼ସରିସା ସ୍ଥିତ ଭୋଳାନାଥ ବିଦ୍ୟାପୀଠ ଠାରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ମୋ ସ୍କୁଲ' କମିଟି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ଦାସଙ୍କ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଚନ୍ଦନେଶ୍ୱର ମନ୍ଦିରର ମୌରସୀ ତଥା ଶଙ୍ଖାରୀ ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୀପକ ଜେନା, ଅବସରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ମହାନ୍ତି, ହୁଗୁଳି ପଞ୍ଚାୟତର ସମିତି ସଦସ୍ୟ ଗୋବିନ୍ଦ ଦାସ, ନାଏବ ସରପଞ୍ଚ ବିଭୁତି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍ସବର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରି 'ସାହିତ୍ୟ ସୃଜନୀ' କ୍ଲବର ସୂଚନା ଦିଆଯାଇଥିଲା। ଏଥି ସହିତ ଆକାଂକ୍ଷୀ ପାଠ୍ୟକ୍ରମ ଅଧୀନରେ ପ୍ରଚଳିତ ଥିବା ଛାତ୍ର କ୍ଲବ ସାହିତ୍ୟ ସୃଜନୀ, କୌଶଳ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ ବାବଦରେ ବକ୍ତବ୍ୟ ରଖୁଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ମୋ କଥା ମୋ କାହାଣୀ'ର ପାଣ୍ଡୁଲିପି ଉନ୍ମୋଚିତ ହୋଇଥିଲା। ଏହା ସହିତ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହୋଇଥଲା। ଶିକ୍ଷକ ଦିନବନ୍ଧୁ ସୁତାର ଅତିଥି ପରିଚୟ କରିଥିବା ବେଳେ ପରିଚାଳନା କମିଟିର ସଭାପତି ପ୍ରଦୀପ ଧଡା ଧନ୍ୟବାଦ ଅର୍ପଣ କରିଥିଲେ।

**ଚୌକି:** ଭୋଗରାଇ ବ୍ଲକ ଅନ୍ତର୍ଗତ ଦେହୁର୍ଦ୍ଧା ପଞ୍ଚାୟତ ଅଧିନସ୍ତ ବହ୍ଲାରପୁର ଗ୍ରାମରେ ଥିବା ଶ୍ରୀକାନ୍ତ ମୋକ୍ଷଦା ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦିଲୀପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଶ୍ରୀ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଆଲୁମିନି କମିଟିର ସଭାପତି ଅଂଶୁମାନ ମହାନ୍ତି, ମୁଖ୍ୟ ବକ୍ତା ଦେହୁର୍ଦ୍ଧା ପଞ୍ଚାୟତର ସଦସ୍ୟ ପ୍ରତିନିଧି ସୁବଳ ଚନ୍ଦ୍ର ଜେନା। ସରକାରଙ୍କ ଦ୍ୱାରା ମୋ କଥା ମୋ କାହାଣୀ ପୁସ୍ତକ ମେଳା ଛାତ୍ର ଛାତ୍ରୀ ମାନେ ପ୍ରସ୍ତୁତ କରି ବିଦ୍ୟାଳୟରେ ପ୍ରଦର୍ଶନ କରିଥିଲେ। ୨୦୨୪ ବର୍ଷ ମୁଖ୍ୟମନ୍ତ୍ରୀ ଛାତ୍ର ଛାତ୍ରୀମାନଙ୍କୁ ଅଗ୍ରଗତି କରି ସାରା ଦେଶରେ ଓଡିଶାର ନାମ ରଖିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଦ୍ୟାଳୟରେ ଚାରି ଗୋଟି କ୍ଲବ ମାଧ୍ୟମରେ ଯଥା ସାହିତ୍ୟ ସୃଜନୀ କ୍ଲବ, ଜିଜ୍ଞାସା କ୍ଲବ, କୌଶଳୀ କ୍ଲବ, ଓ କ୍ରୀଡାଙ୍ଗନ କ୍ଲବ ମାଧ୍ୟମରେ ଛାତ୍ର ଛାତ୍ରୀ ମାନେ ନିଜର କୃତୁତ୍ୟ ପ୍ରତିପାଦନ କରିଥିଲେ। ବିଭିନ୍ନ ପ୍ରକାରର ପୁସ୍ତକ ରଚନା କରିଥିଲେ ଏବଂ ଦେଶରେ ନାମ କରିବେ ବୋଲି ବକ୍ତୃତା ଦେଇଥିଲେ। ଶିକ୍ଷକ ପ୍ରଦୀପ ଦାସ, ସାଧନା ଜେନା, ଜୟନ୍ତ ପଣ୍ଡା, ପ୍ରକାଶ ଦାସ, ଜୁଏଲ ଶବର, ମାଳତୀ ହେମ୍ବ୍ରମ, ପୂର୍ଣ୍ଣିମା ଗିରି, ମଧୁସ୍ମିତା ସାହୁ, ଗୋବିନ୍ଦ ସିଂ, ଅରୁଣ କୁମାର ସେନାପତି, ସଞ୍ଜୁଲତା ସାହୁ, ପ୍ରଦୀପ କୁମାର ରଥ ଅନନ୍ତ ବେଜ ୱାର୍ଡ ସଭ୍ୟ ଆଶିଷ ଦାସ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅଞ୍ଜନ ଦାସ, ଦିଲୀପ କୁମାର ଦାସ, ସୁବ୍ରତ ଦାସ, ଶ୍ୟାମସୁନ୍ଦର ବେଜ ସଭା ପରିଚାଳନା କରିଥିଲେ।

## ଟାଉନ ହାଇସ୍କୁଲର ବାର୍ଷିକ ଉତ୍ସବରେ ପୁରାତନ ଛାତ୍ର ସମ୍ବର୍ଦ୍ଧିତ



**ବାଲେଶ୍ୱର, ୧୯।୧(ସମିସ):** ଜିଲ୍ଲାର ବହୁ ପୁରାତନ ବିଦ୍ୟାଳୟ ଟାଉନ ହାଇସ୍କୁଲ ର ୬୫ତମ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଯୁବ ସମାଜସେବୀ ହ୍ରିତିକ ନାୟକ ସମ୍ବର୍ଦ୍ଧିତ ହୋଇଛନ୍ତି। ବାହାନଗା ଟ୍ରେନ ଦୁର୍ଘଟଣାରେ ସେବାକାର୍ଯ୍ୟ ଯୋଗାଇ ବହୁ ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠୁ ସମ୍ମାନିତ ହୋଇ ବିଦ୍ୟାଳୟର ନାମ ସୁନାମଧନ୍ୟ କରିଥିବାରୁ ଏବଂ ଖୁବ୍ କମ୍ ବୟସ ରୁ ସମାଜସେବାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିବାରୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୁବ ସମାଜସେବୀ ତଥା ହେଲପିଙ୍ଗ୍ ସୋସାଇଟିର ସଭାପତି ହ୍ରିତିକ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




**ବାଲେଶ୍ୱର, ୧୯।୧(ସମିସ):** ଶୋଭାରାମପୁରସ୍ଥିତ ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଅଧ୍ୟକ୍ଷ ଅନ୍ନଦା ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଛାତ୍ରୀ ଆତରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର କାର୍ଯ୍ୟକ୍ରମ ଅଧିକାରୀ ଗଣିତ ବିଭାଗର ଅଧ୍ୟାପିକା କବିତା ମହାନ୍ତି ପ୍ରାକ୍ ସୂଚନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ମହାବିଦ୍ୟାଳୟର ରାଜନୀତି ବିଭାଗର ସହକାରୀ ପ୍ରଫେସର ତଥା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଡ. ସନ୍ତୋଷ କୁମାର ରାଉତ୍ ଯୋଗଦେଇ ଛାତ୍ରୀ ଆତରକ୍ଷା ପ୍ରଶିକ୍ଷଣର ଆଭିମୁଖ୍ୟ ତଥା ନିୟମାବଳୀ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗର ଅଧ୍ୟାପକ ବଜ୍ରକିଶୋର ମଲ୍ଲିକ ଓ ଶିକ୍ଷା ବିଭାଗର ଅଧ୍ୟାପକ ରତ୍ନାକର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ସଂଯୋଜକ ରସାୟନ ବିଜ୍ଞାନର ଡେମୋନ୍‌ଷ୍ଟ୍ରେଟର୍ ବିପିନ୍ ବିହାରୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜଦର୍ଶୀ ଦାଶ, ରାଜକିଶୋର ଭୋଇ ତଥା ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା

ବସ୍ତା ବ୍ଲକ, ୧୯।୧ (ସମିସ): ବସ୍ତା ବ୍ଲକ ଛଟୀନା ସ୍ଥିତ ଚିନ୍ତାମଣି ଜେନା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ବୈଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟଅତିଥି ଭାବେ ଡ. କେଶବ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଡ. କାଳୀ ପଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ନୋଡାଲ ଅଧିକାରୀ ଡ. ଆରୋବିନ୍ଦ ବେଜ୍ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଂସ୍କୃତ ଅଧ୍ୟାପିକା ପ୍ରଣିତା ନନ୍ଦ ବେଦ ପାଠ କରି ଥିବା ବେଳେ ଅଧ୍ୟାପିକା ସୁଜାତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




# ବାରବାଟିଆରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ସମାରୋହ

**ଭୋଗରାଇ, ୧୯।୧ (ସମିସ) :** ଭୋଗରାଇ ବ୍ଲକର ଆରୁହାବୃତ୍ତି -୧ ପଞ୍ଚାୟତ ଅନ୍ତର୍ଗତ ବାରବାଟିଆ ଠାରେ ୧୧ ଦିନ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ୩୨ ବେଶ ସମାରୋହର ନବମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି।ବାରବାଟିଆ ଜନକଲ୍ୟାଣ ଯୁବ ସ୍ୱେଚ୍ଛାସେବୀ ପରିଷଦ ପ୍ରଚେଷ୍ଟାରେ ୧୧ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ୩୨ ବେଶ ସମାରୋହରେ ପ୍ରତିଦିନ ପ୍ରାତଃ କାଳରୁ ଆରମ୍ଭ ହେଉଛି ପ୍ରଭୁଙ୍କ ନୀତିକାନ୍ତି। ପ୍ରତିଦିନ ପରି ନବମ ଦିବସରେ ସକାଳ ଧୂପ, ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା, ଅଭିଷେକ, ବ୍ରାହ୍ମଣ ମାନଙ୍କ ଦ୍ୱାରା ସାମୁହିକ ବେଦପାଠ, ଗୀତା ପାଠ ଓ ବିଷ୍ଣୁ ସହସ୍ରନାମ ପାଠ ସହିତ ଯଜ୍ଞ କାର୍ଯ୍ୟ, ଅପରାହ୍ନରେ ଯଜ୍ଞରେ ଆହୁତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ୩୨ ଜଣ ବ୍ରାହ୍ମଣଙ୍କ ଦ୍ୱାରା ସନ୍ଧ୍ୟା ଆଳତି ପରେ ଭୁବନେଶ୍ୱରର ଦଶାବତାର ନାଟ୍ୟଶାଳାର କଳାକାର ମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ବାରବାଟିଆ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୌଭାଗ୍ୟ ରଞ୍ଜନ ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ସଂଗ୍ରାମ କୁମାର ଦାସ, ବିଶିଷ୍ଟ ଅତିଥି ଭାବେ ଶିଳ୍ପୋଦ୍ୟୋଗୀ ଶୁଭେନ୍ଦୁ ଦାସ, ମୁଖ୍ୟବକ୍ତା ଭାବେ ପୁରୀ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ସଭାପତି ତଥା ଜଗନ୍ନାଥ ସଂସ୍କୃତି ଗବେଷକ କିଶୋରୀ ମୋହନ ସିଂ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡ. ଅଜିତ କୁମାର ମହାନ୍ତି ଓ ସମାଜସେବୀ ତଥା ପରିଷଦର ସଦସ୍ୟ ସୁମନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବ କମିଟିର ସଭାପତି ଶିକ୍ଷାବିତ ଦେବବ୍ରତ ଦେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଶିକ୍ଷକ ଜ୍ଞାନରଞ୍ଜନ ଦେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଷ୍ଟକମ ପାଠ କରିଥିଲେ। ଉତ୍ସବ କମିଟି ସଦସ୍ୟ ଜ୍ଞାନରଞ୍ଜନ ପାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପ୍ରବଚକ ତିଳକ ଦ୍ୟୁତିକୃଷ୍ଣ ସାହୁଙ୍କ ଆଧ୍ୟାତ୍ମିକ ପ୍ରବଚନ ଶହ ଶହ ଶ୍ରଦ୍ଧାଳୁଙ୍କୁ ଭାବବିହ୍ୱଳ କରିଥିଲା।

## ନଛିମପୁର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର

**ଜଳେଶ୍ୱର ବ୍ଲକ, ୧୯।୧ (ସମିସ) :** ନେତାଜୀ ଜୟନ୍ତୀ ଅବସରରେ ନଛିମପୁର ବିଦ୍ୟାଳୟ ସମ୍ମୁଖ ସୁବାଷ ବୋଷଙ୍କ ବୃହତ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ସାଧାରଣ ସଭା ଓ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଉପାନ୍ତ ନଛିମପୁର ପଞ୍ଚାୟତର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଏହି ଶିବିର ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କମିଟିର ସଭାପତି ସପନ କୁମାର ଗିରିଙ୍କ ଆହ୍ୱାନରେ ଆସନ୍ତା ୨୩/୧/୨୪ ରିଖ ମଙ୍ଗଳବାର ହେବାକୁ ଥିବା ନେତାଜୀ ଜୟନ୍ତୀ ଓ ଶିବିରର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଅଂଶ ଗ୍ରହଣ କରି ନେତାଜୀ ଜୟନ୍ତୀକୁ ବଳିଦାନ ଦିବସ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରି ପାଳନ କରିବାକୁ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥ ଜେନା, ଲକ୍ଷ୍ମଣ ପ୍ରଧାନ, ସତ୍ୟବ୍ରତ ରାଜ, ସପନ କୁମାର ଜେନା, ଯଜ୍ଞେଶ୍ୱର ଦତ୍ତ, ଝଡେଶ୍ୱର ଦାସ, ଦୁର୍ଗା ଶଙ୍କର ଗିରି, ହରି ଶଙ୍କର ଗିରି, ବଂଶୀଧର ପ୍ରଧାନ, ଶମ୍ଭୁନାଥ ପ୍ରଧାନ, ଚନ୍ଦନ କୁମାର ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ହେମନ୍ତ ସିଂହ, ନିତାଇ ଚରଣ ଗିରି, ସୁଧାଂଶୁ ପ୍ରଧାନ, ଚୈତନ୍ୟ ସିଂହ, ଚୈତନ୍ୟ ବିଶ୍ୱାଳ, ଦେବବ୍ରତ ରାଜ, ଗିରିଧାରୀ ରାଜ, ବେଣୁଧର ଜେନା, ପ୍ରଧାନ ଶିକ୍ଷକ ପ୍ରଣବ କୁମାର ଦାସ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଜେନା, ଶୁଭଦର୍ଶିନି ଦାସ, ପାର୍ବତୀ ସରେନ୍, ଅଞ୍ଜଳି ଜେନା, ସରିତା ରାଣୀ ପ୍ରଧାନ ପ୍ରମୁଖ ରକ୍ତଦାନ ଶିବିରକୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ। ପୂର୍ବତନ ସରପଞ୍ଚ ତଥା ଦୁର୍ଗାପୂଜା କମିଟିର ସମ୍ପାଦକ ସୁଦାମ ଚରଣ ପାତ୍ର, ଏହି ପୁଣ୍ୟ ତିଥିରେ ବହୁ ସଂଖ୍ୟାରେ ଯୁବକ ଯୁବତୀ ଓ ଜନସାଧାରଣ ରକ୍ତଦାନ ସହିତ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ନିବେଦନ କରିଛନ୍ତି।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ



ବାଲେଶ୍ୱର, ୧୯।୧(ସମିସ): ସ୍ଥାନୀୟ ଶୋଭାରାମପୁରସ୍ଥିତ ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଆୟୋଜନ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ପରିପ୍ରେକ୍ଷୀରେ ନୂଆ-ଓ ଯୋଜନା ମାଧ୍ୟମରେ ଆୟୋଜିତ ଓଡିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅଧ୍ୟକ୍ଷ ଅନୁଦା ପ୍ରସାଦ ଜେନା ପୌରୋହିତ୍ୟ କରିଥିବାବେଳେ ଶିକ୍ଷା ବିଭାଗର ଅଧ୍ୟାପକ ରତ୍ନାକର ମହାପାତ୍ର ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟକ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡିଆ ବିଭାଗର ସହକାରୀ ପ୍ରଫେସର ତଥା ବିଭାଗ ମୁଖ୍ୟ ଡ.ସନ୍ତୋଷ କୁମାର ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଂସ୍କୃତିର ବିକାଶରେ ଜାତିର ବିକାଶ ହୁଏ ଓ ଓଡିଆ ଭାଷା ଆମ ସଂସ୍କୃତି ସହିତ ଜଡିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଓଡିଆ ଅଧ୍ୟାପିକା ବନିତା ମିଶ୍ର ଏହି କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଇତିହାସ ବିଭାଗର ଅଧ୍ୟାପକ ଘନଶ୍ୟାମ ଗିରି ଓ ଜୀବବିଜ୍ଞାନର ଡେମୋନ୍‌ଷ୍ଟ୍ରେଟ୍‌ର ଦେବଯାନୀ ଦାସ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଇଂରାଜୀ ବିଭାଗର ଅଧ୍ୟାପକ ଚକ୍ରଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଶ୍ୱ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ବିଷୟରେ ଓଡିଆ ଭଜନଗାନ, ଓଡିଆ ଗୀତ ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।

# କମର୍ଦ୍ଧା ଜୁନିୟର ମହାବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ଭୋଗରାଇ, ୧୯।୧ (ସମିସ) :**

ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତି ଓଡ଼ିଆଙ୍କ ଭାବର ଠାକୁର। ପ୍ରତ୍ୟେକ ଓଡ଼ିଆଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ଓ ଚଳଣି ଜଗନ୍ନାଥ ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଜଗନ୍ନାଥ ସଂସ୍କୃତି କେବଳ ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱକୁ ଜାତି ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଏକତା ସୂତ୍ରରେ ବାନ୍ଧି ରଖିବା ସହ ଶାନ୍ତି, ମୈତ୍ରୀ ଓ ପ୍ରୀତିର ବାର୍ତ୍ତା ବାଣ୍ଟି ଆସୁଛି। ସେଇଥି ପାଇଁ ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱରେ ସର୍ବୋତ୍ତମ ଓ ଅନନ୍ୟ ବୋଲି ଭୋଗରାଇ ବ୍ଲକ ଅନ୍ତର୍ଗତ କମର୍ଦ୍ଧା ସୁରେନ୍ଦ୍ର ନାଥ ଉଚ୍ଚ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ (ଜୁନିୟର ମହାବିଦ୍ୟାଳୟ)ରେ ଆୟୋଜିତ 'ନୂଆ -ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା'ର ଉଦଘାଟନୀ ସଭାରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଏବଂ 'ଜଗନ୍ନାଥ ସଂସ୍କୃତି' ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ କମର୍ଦ୍ଧା ସୁରେନ୍ଦ୍ର ନାଥ ଉଚ୍ଚ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ 'ନୂଆ -ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଘାଟନୀ ସଭାରେ ଅଧ୍ୟକ୍ଷ ସରୋଜ ରଞ୍ଜନ ସେନାପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସମ୍ପାଦକ ତଥା ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ, ବିଶିଷ୍ଟ ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ଯୋଗ ଦେଇ ସମୃଦ୍ଧ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ଉତ୍କର୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ତପନ କୁମାର ପରିଡ଼ା, ଅଧ୍ୟାପକ ଜୟନ୍ତ କୁମାର ସେଠୀ, ଅଧ୍ୟାପକ ବିମଳ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାରର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ବଂଶୀଧର ପ୍ରଧାନ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ଲକ୍ଷ୍ମୀକାନ୍ତ ବାରିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଗୁରୁପ୍ରସାଦ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଓଡ଼ିଆ ଭାଷାରେ ବକ୍ତୃତା ଓ ଓଡ଼ିଆ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ବାଇକ୍ ଓ ମଦ ଜବତ; ଜଣେ ଗିରଫ

**ଖୁଣ୍ଟା, ୧୯ା୧(ସମିସ):** ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ମଦ ଚାଲାଣକାରୀଙ୍କ ସମେତ ବାଇକ୍ ଓ ୨୦ ଲିଟର ଚୋରା ମହୁଲି ମଦ ଜବତ କରାଯାଇଥିବା ଜଣାଯାଇଛି। ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ପାଟ୍ରୋଲିଂ ଜାରି ରହିଛି। ଏହି ସମୟରେ ଖୁଣ୍ଟା ଥାନା ଅଧିନ ଶିମିଳାବନ୍ଦ ଛକ ଦେଇ ଏକ ବାଇକ ଯୋଗ ଚୋରା ଦେଶୀ ମହୁଲି ମଦ ଚାଲାଣ ହେଉଥିବା ପାଟ୍ରୋଲିଂରେ ଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରୁ ବାଇକ ଯୋଗେ ଏକ ମଟର ଟିୟୁବରେ ଚାଲାଣ ହେଉଥିବା ବେଳେ ଚାଲାଣକାରୀଙ୍କୁ ଗିରଫ କରାଯାଇଥିଲା। ଗିରଫ ବ୍ୟକ୍ତି ଜଣକ ହେଲେ ଉଦଳା ଥାନା ଅଧୀନ ନୂଆଗାଁ ଗ୍ରାମର ଅଶୋକ ନାଏକ (୨୪) ବୋଲି ଜଣାଯାଇଛି।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**କରଞ୍ଜିଆ, ୧୯ା୧(ସମିସ):** ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବକ୍ତୃତା ଓ ଦେଶାତ୍ମବୋଧକ ପ୍ରତିଯୋଗିତା ଉପଖଣ୍ଡର ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ବକ୍ତୃତା ପ୍ରତିଯୋଗିତାରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ କଲେଜ ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ସେହିପରି ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ଖ୍ରିଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଜ୍ୟୋତି ରଞ୍ଜନ ବଇଁସିଆ, ଟିଙ୍ଗିରିଆ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ମୀରା ଆନନ୍ଦମୟୀ ପରିଡ଼ା, ମାଟିଆଗଡ଼ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇତିଶ୍ରୀ ମିଶ୍ର, ଅବସର ପ୍ରାପ୍ତ ଅଧ୍ୟାପିକା ଝରଣା ସାହୁ, ତବଲାବାଦକ ଭାଗବତ ନାୟକ ପ୍ରମୁଖ ଯୋଗଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଶିକ୍ଷାବିତ ଭରତ ଚନ୍ଦ୍ର ଦାଶ, ଅଧ୍ୟାପକ ଯଯାତି କିଶୋର ମହାନ୍ତ, ସାମ୍ବାଦିକ କର୍ଣ୍ଣାର୍ଜୁନ ସାହା, ଉମାଶଙ୍କର ଦାସ, ଡେପୁଟି କଲେକଟର ଅଭିସ୍ମିତା ତିୱାରୀ, ସହକାରୀ ଜିଲ୍ଲାପାଳ ରଶ୍ମିତା ଜେନା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଭାରପ୍ରାପ୍ତ ଅଧିକାରୀ ନିହାର ରଞ୍ଜନ ସେଠୀ, ଗ୍ରନ୍ଥାଗାରିକ ଅରୁଣ କୁମାର ପାଣିଗ୍ରାହୀ, ପ୍ରଦୀପ୍ତ ସେନାପତି ଓ ଶ୍ରୀହରି ଦାସ ପରିଚାଳନା କରିଥିଲେ।

## କୀଚକେଶ୍ୱରୀଙ୍କୁ ସମଲେଶ୍ୱରୀଙ୍କ ନିମନ୍ତ୍ରଣ



**ଶୁକୁଳି, ୧୯ା୧(ସମିସ):** ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ସମଲେଶ୍ୱରୀ। ମା'ଙ୍କ ପାଖରେ ଚାଲିଥିବା ମା' ସମଲେଇ ବିକାଶ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୨୭ ତାରିଖରେ ପାଳିତ ହେବ। ଖାସ ସେଥିପାଇଁ ଓଡ଼ିଶାର ସମସ୍ତ ମନ୍ଦିର ଗୁଡିକୁ ନିମନ୍ତ୍ରଣ ପତ୍ର ଦିଆଯାଉଛି। ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀ ମନ୍ଦିରରେ ସମଲେଶ୍ୱରୀ ଟ୍ରଷ୍ଟିରୁ ଜଣେ, ମନ୍ଦିର ପୂଜକ ଏବଂ ଜଣେ ପ୍ରଶାସନ ଅଧିକାରୀ ଆସି ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ସମଲେଶ୍ୱରୀ ମନ୍ଦିରର ଟ୍ରଷ୍ଟି ଓ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟକାନ୍ତ ବରାଳ ନିମନ୍ତ୍ରଣ ନେଇ ସଙ୍ଗରେ ଆସିଥିଲେ।

## ଆଶା ଆଶଙ୍କାରେ ଆନନ୍ଦପୁର ମହୋତ୍ସବ

**ଆନନ୍ଦପୁର, ୧୯ା୧(ସମିସ):** ବହୁ ପ୍ରତିକ୍ଷୀତ ଆନନ୍ଦପୁର ମହୋତ୍ସବ ଚଳିତ ବର୍ଷ ହେବ କି ନହେବ ସେନେଇ ଆଶା ଓ ଆଶଙ୍କା ବଢୁଥିବା ବେଳେ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ଆନନ୍ଦପୁରବାସୀ ଏବେବି ଅଛନ୍ତି ଆଶାବାଦୀ। ହେଲେ ମହୋତ୍ସବ ପାଇଁ ପ୍ରସ୍ତୁତିରେ ଭଟ୍ଟା ପଡ଼ିଯାଇଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମହୋତ୍ସବ ଆୟୋଜକ କମିଟିର ସଦସ୍ୟମାନେ ଏନେଇ କୌଣସି ସନ୍ତୋଷଜନକ ପ୍ରତିକ୍ରିୟା ଦେଇପାରୁନଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ମୁହଁ ଖୋଲୁନଥିବା ଚିନ୍ତାର କାରଣ ହୋଇଛି। ତେବେ ପ୍ରଥମ ପ୍ରସ୍ତୁତି ବୈଠକରେ ଚଳିତ ମାସ ୩୦ ତାରିଖଠାରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ, ସ୍ଥାନୀୟ କଳାକାରମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ହେଲେ ଏଯାଏଁ କୌଣସି ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇନଥିବାରୁ ଚଳିତ ବର୍ଷର ଆନନ୍ଦପୁର ମହୋତ୍ସବ ଆଶା ଓ ଆଶଙ୍କା ଭିତରକୁ ଠେଲି ହୋଇଯାଇଥିବା ମନେ ହୋଇଛି। ଗତ ୧୭ ତାରିଖରେ ଆହ୍ୱାନ କରାଯାଇଥିବା ଅର୍ଥ ସବକମିଟି ବୈଠକରେ କମ ସଦସ୍ୟଙ୍କ ଉପସ୍ଥିତି ଯୋଗୁ କୌଣସି ନିଷ୍ପତି ହୋଇପାରିନଥିଲା। ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଆନନ୍ଦପୁର ଉପଜିଲ୍ଲାପାଳ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ଓ ପୁଲିସ ବ୍ୟସ୍ତ ଥିବାରୁ ଖୁବ ଶୀଘ୍ର ଏନେଇ ଏକ ବୈଠକ କରାଯାଇ ଏ ସମ୍ପର୍କିତ ନିଷ୍ପତି ନିଆଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଆନନ୍ଦପୁରରେ ମତ୍ସ୍ୟଜୀବୀ ସଚେତନତା ଶିବିର

**ଆନନ୍ଦପୁର, ୧୯ା୧(ସମିସ)**



ଆଜି ଆନନ୍ଦପୁରଠାରେ ଆୟୋଜିତ ମତ୍ସ୍ୟଜୀବୀ ସଚେତନତା ଶିବିରରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପକୁ ନେଇ ମତ୍ସ୍ୟଜୀବୀ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାଯାଇଛି। ମତ୍ସ୍ୟଜୀବୀମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର ବିବିଧ ଯୋଜନା କରୁଥିବା ବେଳେ ଏହାକୁ କାର୍ଯ୍ୟକାରୀ କରୁଥିବା ବିଭାଗୀୟ ଅଧିକାରୀମାନଙ୍କ ଲାଭଖୋର ମନୋଭାବ ଯୋଗୁ ଏହି ଯୋଜନାର ସଫଳତା ହିତାଧିକାରୀମାନେ ନପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି ଆଜି ଆନନ୍ଦପୁର ବୈତରଣୀ ନଦୀରେ ଉନ୍ନତମାନର ଅଙ୍ଗୁଳିକା ମାଛ ଯାଆଁଳ ଛାଡିବା କାର୍ଯ୍ୟକ୍ରମରେ। ଏହି ଉପଲକ୍ଷେ ଆନନ୍ଦପୁର ବ୍ୟାରେଜ ସାଇଡ୍‌ରେ ଆୟୋଜିତ ମତ୍ସ୍ୟଜୀବୀମାନଙ୍କ ସଚରତନତା ଶିବିର ଆୟୋଜନ କରାଯାଇଥିଲା। ସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତେବେ ଆନନ୍ଦପୁର ଉପଖଣ୍ଡରେ ବିଭିନ୍ନ ମତ୍ସ୍ୟଜୀବୀ ସମବାୟ ସମିତି ଥିଲେ ମଧ୍ୟ ସମିତି କର୍ମକର୍ତ୍ତା ଓ ସଦସ୍ୟଙ୍କ ସହିତ କୌଣସି ପରାମର୍ଶ ନକରି ବିଭାଗୀୟ କର୍ତ୍ତୃପକ୍ଷ ମାଛ ଯାଆଁଳ ଛାଡ଼ିଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ କେତେକ ମତ୍ସ୍ୟଜୀବ ସଭାରେ ଯୋଗ ଦେଇଥିବା ବିଭାଗୀୟ ଡେପୁଟି ଡାଇରେକ୍ଟର ପ୍ରଦୀପ କୁମାର ଦେଙ୍କୁ ବିଭିନ୍ନ ପ୍ରଶ୍ନ କରିବାରୁ ସଭାକୁ ସାଙ୍ଗ କରିଦିଆଯାଇଥିଲା। ଶିବିର ଓ ସାଧାରଣ ସଭାପରେ ମାଛ ଯାଆଁଳ ନଦୀରେ ଛଡାଯିବା ସମୟରେ କେତେ ଯାଆଁଳ ଛଡାଗଲା ସେନେଇ ମତ୍ସ୍ୟଜୀବୀମାନେ ପ୍ରତିବାଦ କରିଥିଲେ।

ନଦୀରେ ମତ୍ସ୍ୟ ସମ୍ପଦର ବିକାଶ ଓ ମତ୍ସ୍ୟ ଉତ୍ପାଦନର ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିବା ଏହି ଯୋଜନାରେ ଆଜି ବୈତରଣୀ ନଦୀରେ ୭ଲକ୍ଷ ୫୦ ହଜାର ଅଙ୍ଗୁଳିକା ମାଛ ଯାଆଁଳ ଛାଡିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ହେଲେ ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ନିକଟସ୍ଥ ଓସ୍ତପୁରା ମାଛ ଯାଆଁଳ କେନ୍ଦ୍ରରୁ ମାତ୍ର ୨ ଲକ୍ଷ ଯାଆଁଳ ଆଜି ବୈତରଣୀ ନଦୀର ଆନନ୍ଦପୁର ବ୍ୟାରେଜ ଜଳ ଭଣ୍ଡାରରେ ଛଡାଯିବା ଘଟଣାରେ ମତ୍ସ୍ୟଜୀବୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ, ସହକାରୀ ମତ୍ସ୍ୟ ଅଧିକାରୀ ସୌମ୍ୟସ୍ମିତା ପ୍ରିୟଦର୍ଶିନୀ, ବାବୁନି ପ୍ରସାଦ ଆଚାର୍ଯ୍ୟ, ଶୁଭମ କୁମାର ପ୍ରଧାନ, ବିଶ୍ୱନାଥ ନାୟକ, ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି କୃଷ୍ଣଚନ୍ଦ୍ର ଜେନା, ସମ୍ପାଦକ ନରେନ୍ଦ୍ର ଦେହୁରୀ ଏହି ସଭାରେ ଉପସ୍ଥିତ ଥିଲେ। ତେବେ ଏଭଳି କାର୍ଯ୍ୟକ୍ରମ ପାଇଁ ଯଥେଷ୍ଟ ପୂର୍ବରୁ ସୂଚନା ଦିଆଯାଇନଥିବାରୁ ଏହି ଶିବିରରେ ହାତଗଣତି କେତେଜଣ ମତ୍ସ୍ୟଜୀବୀ ଯୋଗ ଦେଇଥିବା ପରିଲକ୍ଷିତ ହୋଇଛି।

## ଆନନ୍ଦପୁର ମହାବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା




**ଆନନ୍ଦପୁର, ୧୯ା୧(ସମିସ):** ଆନନ୍ଦପୁର ମହାବିଦ୍ୟାଳୟରେ ଆଜି ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆ-ଓ ଓଡିଆ ସାହିତ୍ୟ ପ୍ରତିଯୋଗିତାର କାର୍ଯ୍ୟକ୍ରମ ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ସଂଯୋଜନାରେ ନୋଡାଲ ଅଫିସର ପ୍ରାଧ୍ୟାପିକା ଶ୍ରୀଲେଖା ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବେ କବି ପିନାକୀ ମିଶ୍ର, ଗଦାଧର ମିଶ୍ର, ରମାକାନ୍ତ ନାୟକ, ଅଧ୍ୟାପକ କିଶୋର ମିଶ୍ର ଯୋଗ ଦେଇ ଓଡିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ରୋଚକ ତଥ୍ୟ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ରଘୁଦିପ୍ତୀ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ କାହ୍ନୁଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କବିତା, ପ୍ରବନ୍ଧ, ସାଧାରଣ ଜ୍ଞାନ, ରମ୍ୟରଚନା, ଗଳ୍ପ ଲିଖନ ପ୍ରତିଯୋଗିତା କରାଯାଇଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଗ୍ରୀଲ୍ ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

**ଆନନ୍ଦପୁର, ୧୯ା୧(ସମିସ):** ଆନନ୍ଦପୁର ପୌରାଞ୍ଚଳର ଶୈଲଙ୍ଗ ଗ୍ରାମର ବାବାଜୀ ସେଠୀଙ୍କ ଘର ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତ ମାନେ ସର୍ବସ୍ୱ ଲୁଟିନେଇଥିବା ଘସିପୁରା ଥାନାରେ ଅଭିଯୋଗ ହୋଇଛି। ଘର ମାଲିକ ଉପର ମହଲାରେ ନିଜେ ରହୁଥିବା ବେଳେ ତଳ ମହଲାକୁ କୃଷି ଗବେଷଣ କେନ୍ଦ୍ରର କର୍ମଚାରୀମାନଙ୍କୁ ଭଡ଼ାସୂତ୍ରରେ ଦେଇଥିଲେ। ତେବେ ଚେନ୍ନାଇରେ ରହୁଥିବା ନିଜ ପୁଅ ପାଖକୁ ଘର ମାଲିକ ଯାଇଥିବା ବେଳେ ଏବଂ ତଳ ମହଲା ରେ ଚାବି ପଡ଼ିଥିବା ବେଳେ ଗତ ଗୁରୁବାର ରାତିରେ ଦୁର୍ବୃତ୍ତ ମାନେ ତଳ ମହଲାର ଗ୍ରୀଲ ଭାଙ୍ଗି ଉପର ମହଲାରେ ଲୁଟପାଟ କରିଥିଲେ। ଉପର ମହଲାର ସବୁ କୋଠରିର ଚାବି ଭାଙ୍ଗି ଆସବାବପତ୍ର, ସୁନାରୂପା ଅଳଙ୍କାର ଓ ଆଲମିରାରେ ଥିବା ନଗଦ ଟଙ୍କା ଲୁଟି ନେଇଥିବା ତାଙ୍କ ସମ୍ପର୍କୀୟ ଆଜି ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଲୁଟେରାମାନଙ୍କ ସମ୍ପର୍କରେ କୌଣସି ସୁରାଗ ମିଳିନଥିବା ଜଣାଯାଇଛି।



## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ତେଲକୋଇ, ୧୯ା୧(ସମିସ):** ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଜଣଙ୍କ ହେଲେ ତେଲକୋଇ ଥାନା ସିରିଗିଦା ପଞ୍ଚାୟତ ଗୋପୀନାଥପୁର୍ ଗ୍ରାମର ଭୀମସେନ ମହାନ୍ତ ଓରଫ ଟିଟୁ (୨୭)। ତେବେ ସୂଚନା ମୁତାବକ ଟିଟୁ ବଳଭଦ୍ରପୁର୍ ସାପ୍ତାହିକ ହାଟକୁ ଯାଇ ଘରକୁ ଫେରୁଥିବା ବେଳେ କରମଙ୍ଗି ଘାଟିରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି।

# ବାର୍ଷିକ ଖଣି ସୁରକ୍ଷା ସପ୍ତାହ ଉଦଯାପିତ

**ଯୋଡା, ୧୯ା୧(ସମିସ)**




ଭୁବନେଶ୍ୱର ଅଞ୍ଚଳର ଡାଇରେକ୍ଟୋରେଟ ଜେନେରାଲ ଅଫ୍ ମାଇନ୍ସ ସେଫ୍ଟି (ଡିଜିଏମ୍‌ଏସ୍) ଅଧୀନରେ ୪୧ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଯୋଡା ଖଣିମଣ୍ଡଳ ଅଧୀନସ୍ଥ ଜେଏସ୍‌ଡବ୍ଲୁ ଲିମିଟେଡ ଆନୁକୂଲ୍ୟରେ ବଡ଼ବିଲ ସୋୟାବାଲି ସ୍ଥିତ ଏସ୍‌ଏମ୍‌ପିଏଲ୍ ଖେଳପଡ଼ିଆରେ ଏହି ଉଦଯାପନୀ ଉତ୍ସବ ଆୟୋଜିତ ହୋଇଥିଲା। ଖଣି ସୁରକ୍ଷା ବିଭାଗର ମହାନିର୍ଦ୍ଦେଶକ ପ୍ରଭାତ କୁମାର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରତିବର୍ଷ ଖଣିରେ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଭାତ କୁମାର ସମସ୍ତ ଖଣି ମାଲିକଙ୍କୁ ପ୍ରଶଂସା କରିଥିଲେ। ପ୍ରାୟ ୧୧୦ ଖଣି ଏବଂ ୭୫ କଣ୍ଟ୍ରାକ୍ଟରଙ୍କ ପ୍ରତିନିଧୀ ଅଂଶଗ୍ରହଣ କରିଥିଲେ।

ଡେପୁଟି ଡାଇରେକ୍ଟର ଜେନେରାଲ୍ ଅଫ ମାଇନ୍ସ ସେଫଟି ଏସ୍‌ଡି ଚିଦ୍ଧାରୱାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ହେଲେ ସୌଭିକ ମଜୁମଦାର, ସିଓଓ, ମାଇନ୍ସ ଡିଭିଜନ୍, ଜେଏସଡବ୍ଲୁ ଷ୍ଟିଲ୍ ଲିମିଟେଡ୍, କୃଷ୍ଣେନ୍ଦୁ ମୋଣ୍ଡାଲ (ଡିଏମ୍‌ଏସ୍ ଭୁବନେଶ୍ୱର ଅଞ୍ଚଳ-୧), ପିଆର୍ ଠାକୁର (ଡିଏମ୍‌ଏସ୍ ଭୁବନେଶ୍ୱର ଅଞ୍ଚଳ-୨), ରତ୍ନାକର ସୁନ୍କି (ଡିଏମ୍‌ଏସ୍ ମେକାନିକାଲ୍ ରାଞ୍ଚି), ମହେଶ୍ୱର ରେଡ୍ଡୀ କନ୍ନଲା (ଡିଏମ୍‌ଏସ୍ ଇଲେକ୍ଟ୍ରିକାଲ୍, ରାଞ୍ଚି), ଶଙ୍କର୍ଷଣ ବେହେରା (ଡିଏମ୍‌ଏସ୍ ମେକାନିକାଲ୍ ରାଞ୍ଚି), ବିକାଶ ଗୋବିନ୍ଦ୍ରାଓ ମେଶ୍ରମ (ଡିଏମ୍‌ଏସ୍ ଇଲେକ୍ଟ୍ରିକାଲ୍, ରାଞ୍ଚି), ଟି ହରିପ୍ରସାଦ (ଡିଡିଏମଏସ ଭୁବନେଶ୍ୱର ଅଞ୍ଚଳ -୧), ୟୁ ଶିବ ଶଙ୍କର (ଡିଡିଏମଏସ ଭୁବନେଶ୍ୱର ଅଞ୍ଚଳ-୨) ପ୍ରମୁଖ ଯୋଗ ଦେଇଥିଲେ। ମାଇନ୍ସ ଡିଭିଜନ୍ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଘର ଏବଂ ଖଣିରେ ନିରାପତ୍ତାକୁ ପ୍ରୋତ୍ସାହିତ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବଧି ମଧ୍ୟରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୋଷ୍ଟର ତିଆରି, ସ୍ଲୋଗାନ, ଇଭେଣ୍ଟରେ ସର୍ବୋତ୍ତମ ଷ୍ଟଲ୍ ଏବଂ ସର୍ବୋତ୍ତମ ଲୋଗୋରେ ଅଭିନବତା ପାଇଁ ଖଣି ମାଲିକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନଙ୍କ କାର୍ଯ୍ୟ ପାଇଁ ଶ୍ରେଷ୍ଠ ଠିକାଦାରମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଖଣି ଶିଳ୍ପରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଏନ୍‌ଡି ରାଓଙ୍କୁ 'ଜୀବନବ୍ୟାପୀ ପୁରସ୍କାର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୂତନ ଟେକ୍ନୋଲୋଜି ପ୍ରକ୍ରିୟାଗୁଡ଼ିକର ବିକାଶ ଏବଂ କାର୍ଯ୍ୟନ୍ୱୟନରେ ସେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ ପ୍ରୋଗ୍ରାମ୍ ସହିତ ଉଦଯାପିତ ହୋଇଥିଲା।

### ରଙ୍ଗମାଟିଆ-କେନ୍ଦୁଆ ରାସ୍ତା ବୈତରଣୀ ସେତୁ

# ଅନୁଧ୍ୟାନ କଲେ ସେତୁ ବିଶେଷଜ୍ଞ

**କେନ୍ଦୁଝର, ୧୯ା୧(ସମିସ)**



କେନ୍ଦୁଝର ଜିଲ୍ଲାରେ ଅନେକ ଗୁଡିଏ ସେତୁକାମ ଜାରି ରହିଛି। ଲୋକଙ୍କର ଗମନାଗମନରେ ସୁବିଧା ନିମନ୍ତେ ସରକାର ବିଭିନ୍ନ ଯୋଜନାରେ କୋଟିକୋଟି ଟଙ୍କାର ଅନୁଦାନ ଦେଉଛନ୍ତି। କିନ୍ତୁ କେତେକ ଠିକାଦାର ଚୁକ୍ତି ଅନୁସାରେ ଧାର୍ଯ୍ୟ ସମୟ ମଧ୍ୟରେ କାମ କରୁନାହାଁନ୍ତି। ଫଳରେ

### ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍

ଜନସାଧାରଣ ଏହାର ସୁଫଳ ପାଇବାରେ ବିଳମ୍ବ ହେଉଛି। ଏଭଳି ଏକ ସେତୁ କାମ ଧାର୍ଯ୍ୟ ସମୟରୁ ଅତିକ୍ରାନ୍ତ କରିସାରିଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ଜଣାପଡ଼ିଛି। ସବୁଠାରୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ ପୂର୍ବରୁ ମଧ୍ୟ କାମ ସମ୍ପର୍କରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ଠିକାଦାର ଚୁକ୍ତି ଏବଂ ଡିଜାଇନ ମୁତାବକ କେତେକ କାମରେ ବ୍ୟତିକ୍ରମ କରି ବଙ୍ଗ ବିଭାଗ ଏଥିପାଇଁ ଦାୟୀ ବୋଲି ପ୍ରଥମ କାରଣ ଦର୍ଶାଅ ନୋଟିସ୍‌ର ଜବାବରେ ଦର୍ଶାଇଥିବା ଶୁଣିବାକୁ ମିଳୁଛି।

ମିଳିଥିବା ସୂଚନା ଅନୁସାରେ ୨୦୧୯-୨୦ରେ ରଙ୍ଗମାଟିଆ- କେନ୍ଦୁଆ ରାସ୍ତାର ବୈତରଣୀ ନଦୀ ଉପରେ ବିଏସ୍‌ୱାଇ ଯୋଜନାରେ ଏକ ଉଚ୍ଚତଳ ସେତୁ କାମ କାର୍ଯ୍ୟକାରୀ ହେଉଛି। ଏହି କାମଟି ମେସର୍ସ ଏଚ୍‌ଏଲ୍ ଇନଫ୍ରା ସଂସ୍ଥା ଠିକା ନେଇଛି। ସେତୁ ନିର୍ମାଣରେ ନିମ୍ନମାନର କାମ ନେଇ ଅନେକବାର ଅଭିଯୋଗ ହେବାରୁ ଗତ ଡିସେମ୍ବର ୨୧ ତାରିଖରେ ପ୍ରଥମେ ଉକ୍ତ କାର୍ଯ୍ୟାଳୟର ଚିଠି ସଂଖ୍ୟା-୬୩୬୭ରେ ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ହୋଇଥିଲା। ମାତ୍ର ଏହାର କିଛି ସୁଫଳ ମିଳିନଥିବାରୁ ପୁଣି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଡିଭିଜନ-୨ ତରଫରୁ ପତ୍ର ସଂଖ୍ୟା ୧୧୧ ତା.୬-୧-୨୦୨୪ରେ ସମ୍ପୃକ୍ତ ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ସେତୁଟିର ନିମ୍ନମାନର କାମ ଅଭିଯୋଗର ସରଜମିନ ଅନୁଧ୍ୟାନ ନିମନ୍ତେ ସେତୁ ବିଶେଷଜ୍ଞ ଟିମ୍ ଶୁକ୍ରବାର ସେଠାକୁ ଯାଇ ଫେରିଥିବା ସୂଚନା ମିଳିଛି। ଅପରପକ୍ଷରେ ଠିକା ସଂସ୍ଥାର ମତାମତ ନିଆଯାଇପାରିନାହିଁ। ପ୍ରାକାଶ ଯୋଗ୍ୟ ଯେ କେତେକ ବଡ଼ବଡ଼ ଠିକାଦାର ଜିଲ୍ଲାର ବଡ଼ବଡ଼ କାମର ଟେଣ୍ଡର ନେଇ ଧାର୍ଯ୍ୟ ସମୟ ମଧ୍ୟରେ କାମ ନକରି ଅତ୍ୟନ୍ତ ବିଳମ୍ବରେ କାମ ସମ୍ପୂର୍ଣ୍ଣ କରୁଛନ୍ତି। ଫଳରେ ସାଧାରଣ ଲୋକ ଯୋଜନା ଗୁଡିକର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି।

## କେ.ବାଲିପାଳ ପଞ୍ଚାୟତରେ ୯ ୱାର୍ଡକୁ ନାହିଁ ବିଦ୍ୟୁତ୍ ସଂଯୋଗ

**ସୋସୋ, ୧୯ା୧(ସମିସ)**

ହାଟଡିହି ବ୍ଲକର ଆଦିବାସୀ ବହୁଳ କେ.ବାଲିପାଳ ପଞ୍ଚାୟତ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଗଠନ ହେବାର ୩୬ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ବି ଆଦିବାସୀ ଗରିବ ଲୋକମାନଙ୍କର ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାରେ ପ୍ରାଶାସନ ଫେଲ ମାରିଛି। ଦୀର୍ଘଦିନ ଧରି ଗ୍ରାମଗୁଡିକୁ ରାଜ୍ୟସ୍ୱ ଗ୍ରାମର ମାନ୍ୟତା, ବିଦ୍ୟୁତ୍ ସଂଯୋଗ, ମୋବାଇଲ ନେଟୱାର୍କ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପାଇଁ ଦାବି କରିଆସୁଥିଲେ ମଧ୍ୟ ତାହା କେବଳ ପଞ୍ଚାୟତ ସମିତି ଭିତରେ ସୀମିତ ରହିଯାଉଛି। ଫେଳରେ ୯ଟି ୱାର୍ଡ ଯଥା- ମଲ୍ଲିପଶି, ସରମୁଣ୍ଡି, ପାଲବଣି, ମୟୂରନଚା, ଭଅଁରା, କେତକି, ଟୁପୁସିଗଡିଆ, ରାଇଘାଟି-୧, ରାଇଘାଟି-୨ ଆଦି ଗ୍ରାମକୁ ବିଦ୍ୟୁତ ଦେଖିନାହାନ୍ତି। ୫ବର୍ଷ ତଳେ ସୋଲାର ଲାଇଟ ଯୋଗାଇ ଦେଇଥିବା ବେଳେ ତାହା ରକ୍ଷାଣବେକ୍ଷଣ ଓ ମରାମତି ଅଭାବରୁ ଏବେ ୭୦ ଭାଗ ସୋଲାର ଲାଇଟ ଅଚଳ ହୋଇପଡ଼ିଛି। ଏହି ଗ୍ରାମଗୁଡିକ ଜଙ୍ଗଲ ଭିତରେ ରହୁଥିବାରୁ ବନ୍ୟଜନ୍ତୁଙ୍କ ଭୟ ରହିଛି। ବିଦ୍ୟୁତ୍ ନଥିବାବେଳେ ସୋଲାର ଲାଇଟ ଅଚଳ। ମୋବାଇଲ ଟାୱାର ନଥିବାରୁ ଜରୁରୀ ସେବା ଓ ସ୍ୱାସ୍ଥ୍ୟସେବା କଷ୍ଟ କର ହୋଇପଡ଼ିଛି। ଏବେ '୫-ଜି ' ମୋବାଇଲ ଯୁଗ ଚାଲୁଥିବା ବେଳେ ଲୋକମାନେ ମୋବାଇଲ ଟାୱାର ପାଇଁ କେଉଁଠି ପଥର ଉପରେ ଓ କେଉଁଠି ଗଛ ଉପରକୁ ଯାଇ ନେଟ୍ ଖୋଜିବାକୁ ପଡୁଛି। ଏଭଳି ବିକାଶ ଖୋଜୁଥିବା ପଞ୍ଚାୟତବାସୀ ୨୦୧୭ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିଥିଲେ। ସେହି ସମୟରେ ପ୍ରଶାସନ ବ୍ୟସ୍ତ ହୋଇପଡ଼ିଥିଲା। କିନ୍ତୁ ନିର୍ବାଚନ ନ ହେବାରୁ ପ୍ରଶାସନ ଓ ନେତା ନିଜର ସ୍ୱାର୍ଥ ହାସଲ ପାଇଁ ଏବଂ ପଞ୍ଚାୟତ କାର୍ଯ୍ୟକୁ ପରିଚାଳନା କରିବାକୁ ସରପଞ୍ଚଙ୍କୁ ମନୋନୀତ କରାଯାଇ କାର୍ଯ୍ୟ କରାଯାଇଥିଲା। ପରବର୍ତ୍ତି ୨୦୨୨ ପଞ୍ଚାୟତ ନିର୍ବାଚନରେ ବାଲିପାଳ ଗାଁ ୱାର୍ଡ ନଂ. ୩ ଭୋଟ ବର୍ଜନ କରିଥିଲେ। ଆଦିବାସୀ ଲୋକମାନେ ଭାବିଥିଲେ ନିଜର ହକ୍ ପାଇବା ସହିତ ସର୍ବନିମ୍ନ ମୌଳିକ ସୁବିଧା ପାଇପାରିବେ।

ନିର୍ବାଚନ ପରେ ଭୋଟ ବର୍ଜନ କଥା ସମସ୍ତେ ଭୁଲିଯିବାରୁ ଲୋକଙ୍କ ମନରେ ଅସନ୍ତୋଷର ଦାନା ବାନ୍ଧୁଛି। ଗୋଟେ ପଟେ ବିଦ୍ୟୁତ ଦେଖିନଥିବା ବେଳେ ୭୦ ଭାଗ ସୋଲାର ଲାଇଟ ଅଚଳ। ଅନ୍ୟ ପଟେ କିରାସିନ ମିଳୁନାହିଁ। ଯାହାକୁ ନେଇ ସନ୍ଧ୍ୟା ହେଲେ ଆଦିବାସୀ ଲୋକମାନେ ଚିନ୍ତାଗ୍ରସ୍ତ ହୋଇପଡ଼ିଥାନ୍ତି। ବଜାରରୁ କିଣିଥିବା ଟ୍ରଚ୍ ଓ ସୋଲାର ଲାଇଟରେ ଭରସା କରି ରାତି ବିତେଇଥାନ୍ତି। ଏ ନେଇ ସରପଞ୍ଚ କୁନ୍ତଳା ନାଇକଙ୍କୁ ପଚାରିବାରୁ ପଞ୍ଚାୟତର କାର୍ଯ୍ୟାଳୟ ଗୃହ ନଥିବା ବେଳେ ବିଦ୍ୟୁତ ସଂଯୋଗ ନାହିଁ। ସୋଲାର ଲାଇଟ ୫ବର୍ଷ ତଳେ ଲଗାଯାଇଥିଲେ ମଧ୍ୟ ତାହା ଏବେ ନଷ୍ଟ ହୋଇଯାଇଛି। ଏସମ୍ପର୍କରେ ବହୁବାର ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନଥିବା କହିଥିଲେ।

